# ଫାଟକ ଖୋଲିଲେନି ବୋଲି ଗେଟ୍‌କିପରଙ୍କୁ ମାଡ଼

ଭୁବନେଶ୍ୱର,୮।୧୨(ସମିସ): ଗେଟ୍ କିପର ଗେଟ୍ ଖୋଲିଲାନି ବୋଲି ଅଭିଯୁକ୍ତ ଗାଳିଗୁଲଜ କରିବା ସହ ମାଡ଼ ମାରିଲେ। ପରେ ନିଶା ପିଇ ଆସି ପେଟ୍ରୋଲ ପକାଇ ଗେଟ୍ କିପରଙ୍କ ବାହାରେ ଥିବା ଦୁଇଟି ବାଇକ୍ ପୋଡ଼ି ପାଉଁଶ କରିଦେଲେ। ଏଭଳି ଘଟଣା



ସରକନ୍ତରା ରେଳ ଫାଟକ ଏଲ୍‌ସି ନଂ-୧୯୨ରେ ଦେଖିବାକୁ ମିଳିଛି। ଏନେଇ ଜିଆର୍‌ପି ଥାନାରେ ଗେଟ୍ କିପର ଦେବେନ୍ଦ୍ର ମାର୍ଥା ଅଭିଯୋଗ କରିଥିଲେ। ଏନେଇ ଜିଆର୍‌ପି ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁନ୍ଦରପଦାର ରବି ଭୋଇକୁ ଗିରଫ କରିଛି।

ଅଭିଯୋଗ ଅନୁସାରେ, ଅଭିଯୁକ୍ତ ରବି ଭୋଇ ଏମ୍ବରେ କାମ କରୁଥିବାବେଳେ ସବୁଦିନ ସେ ରେଳ ଫାଟକ ଦେଇ ଘରକୁ ଫେରେ। ହେଲେ ଶନିବାର ରାତିରେ ସେ ଘରକୁ ଫେରୁଥିଲେ। ଟ୍ରେନ୍ ଆସୁଥିବାରୁ ଗେଟ୍ କିପର ଦେବେନ୍ଦ୍ର ମାର୍ଥା ଫାଟକ ପକାଇଥିଲେ। କିନ୍ତୁ ଜୋର୍‌ଜବରଦସ୍ତି ଅଭିଯୁକ୍ତ ରବି ଫାଟକ ଖୋଲିବାକୁ କହିଥିଲେ। ଏପରିକି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାପରେ ସେ ଘରକୁ ପଳାଇ ଯାଇଥିଲା। ଏହାର

### ପରେ ନିଶାରେ ଆସି ଦୁଇଟି ବାଇକ୍ ପୋଡ଼ିଦେଲେ

### ଅଭିଯୁକ୍ତକୁ ଗିରଫ କଲା ଜିଆର୍‌ପି

କିଛି ସମୟ ପରେ ଅଭିଯୁକ୍ତ ବରି ଆସି ଗେଟ୍ କିପରଙ୍କ ବାହାରେ ରହିଥିବା ଦୁଇଟି ବାଇକ୍‌ରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲା। ପରେ ସେ ଫାଟକ ଘରେ ଭଙ୍ଗାରୁଜା କରିଥିଲା। ନିଆଁ ଜଳୁଥିବାବେଳେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଲା। ନିଆଁ ଯୋଗୁଁ ପାଖରେ ଥିବା ସିଗ୍‌ନାଲ ବାକ୍ସ ମଧ୍ୟ ଜଳି ଯାଇଥିଲା। ଯାହାଫଳରେ ରେଳ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ସିଗ୍‌ନାଲ ଫେଲ୍ ଯୋଗୁଁ ସବୁ ଗାଡ଼ି ବିଳମ୍ବରେ ଚାଲିଥିଲା। ଟେକ୍ନିକାଲ ଟିମ୍ ଆସି ସିଗ୍‌ନାଲକୁ ସଜାଡ଼ିବା ପରେ ସବୁ କିଛି ସ୍ୱାଭାବିକ ହୋଇଥିଲା।

## ଏମ୍ବାସି ବାର୍ ସିଲ୍

ଭୁବନେଶ୍ୱର,୮।୧୨(ସମିସ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏମ୍ବାସି ବାର୍‌କୁ ସିଲ୍ କରିଛି ଅବକାରୀ ବିଭାଗ। ଅବକାରୀ ଗାଇଡ୍‌ଲାଇନ୍ ପାଳନ କରାଯାଉ ନ ଥିବାରୁ ରବିବାର ସିଲ୍ କରାଯାଇଛି। ଗତ କିଛିଦିନ ହେବ ଉକ୍ତ ବାର୍ ନାମରେ ଏକାଧିକ ଅଭିଯୋଗ ଆସୁଥିଲା। ଯାହାକୁ ଅବକାରୀ ବିଭାଗ ଯାଞ୍ଚ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶନିବାର କିଛି ଯୁବକ ବାର୍ ଭିତରେ ଖୁଲମ୍‌ଖୁଲା ଟଙ୍କା ଉଡ଼ାଇଥିଲେ; ଯାହାକି ବେଆଇନ। ତେଣୁ ବାର୍ କର୍ମଚାରୀ ଏବଂ ପୁଲିସ ଆସି ଏହାକୁ ବିରୋଧ କରିବାକୁ ସେମାନେ ପୁଲିସକୁ ମାଡ଼ ମାରିଥିଲେ। ଫଳରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଥିବାବେଳେ ଅବକାରୀ ବିଭାଗ ଏମ୍ବାସି ବାର୍ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି।

### ଅନୁମତି ଦେଇଛି କି ବିଏମ୍‌ସି ?

# ମାଫିଆଙ୍କ କବ୍‌ଜାରେ ଦୟା ୱେଷ୍ଟ କେନାଲ

ଭୁବନେଶ୍ୱର,୮।୧୨(ସମିସ):

ଦୟା ୱେଷ୍ଟ କେନାଲର ଦୁଇ ପାର୍ଶ୍ୱ ଜବରଦଖଲ କରାଯାଉଥିଲା। ଏବେ ମାଫିଆମାନେ ଆଉ ପାଦେ ଆଗକୁ ବଢ଼ିଯାଇଛନ୍ତି। ରବିବାର ଭୋଟପଡ଼ା ନିକଟରେ ପ୍ରବାହିତ ହେଉଥିବା

### କେନାଲକୁ ଛୋଟ ନାଳ ବନାଇଦେଲେ

### ଛୁଟିଦିନରେ ମାଟି କାମ ଶେଷ; ଆଜି ପଡ଼ିବ ଢଳେଇ



ଦୟା ୱେଷ୍ଟ କେନାଲକୁ ସମ୍ପୂର୍ଣ୍ଣ ଭାବେ ପୋତି ଦେଇଛନ୍ତି। ଶନିବାର ସରକାରୀ ଦପ୍ତର ଛୁଟି ହେବା ପରେ ରାତାରାତି ଟ୍ରକ୍‌ରେ ଲୋଡ୍ ହୋଇ କେନାଲ କଡ଼ରେ ମୋରମ୍ ପଡ଼ିଗଲା। ରବିବାର ଦିନତମାମ ଏଠାରେ ଶ୍ରମିକମାନେ କାମ କଲେ। ଆଉ କେନାଲକୁ ଏମୁଣ୍ଡରୁ ସେମୁଣ୍ଡକୁ ପୋତି ୧୫ ଫୁଟିଆ ରାସ୍ତା ବନାଇଦେଲେ। କାଳେ ବିରୋଧ ହେବ ସେଥିପାଇଁ ୨୦ ଫୁଟିଆ କେନାଲରେ ୧ ଫୁଟ୍‌ରୁ ବି କମ୍ ଚଉଡ଼ାର ଛୋଟ ହୋମ୍ ପାଇପ୍ ପକାଇ ଦୟା ୱେଷ୍ଟ କେନାଲକୁ ଏକ ସାଧାରଣ ନାଳରେ ପରିଣତ କରିଦେଲେ। ସୋମବାର ଏଠାରେ ଢଳେଇ ରାସ୍ତା ନିର୍ମାଣର ଯୋଜନା ରହିଛି। ରାଜଧାନୀରେ ପ୍ରଶାସନର ନାକ ତଳେ ଏଭଳି ଜବରଦଖଲ ହେଉଛି, କେହି କିପରି କିଛି ଜାଣିପାରୁ ନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେବେ ଭୋଟପଡ଼ାରେ କେନାଲକୁ ସମ୍ପୂର୍ଣ୍ଣ ଭାବେ ପୋତାଯାଉଥିବା ଦେଖି ସ୍ଥାନୀୟ ଅଞ୍ଚଳର କିଛି ଲୋକ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ କେନାଲ କ'ଣ ପାଇଁ ପୋତୁଛ ବୋଲି ପଚାରିଥିଲେ। ହେଲେ କେନାଲକୁ ପୋତୁଥିବା ବ୍ୟକ୍ତି ଜଣକ ସେମାନଙ୍କୁ କହିଥିଲେ, ବିଏମ୍‌ସି ଏହାର ଅନୁମତି ଦେଇଛି। ଏକ କାଗଜକୁ ବିଏମ୍‌ସିର ଅନୁମତିପତ୍ର କହି ସେ ବୁଲିବୁଲି ଲୋକଙ୍କୁ ଦେଖାଉଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ବିଏମ୍‌ସିର କେଉଁ ଅଧିକାରୀ ତାଙ୍କୁ ଏହାର ଅନୁମତି ଦେଇଛନ୍ତି। କାହିଁକି ଏହି ଅନୁମତି ଦିଆଯାଇଛି। ଏ ସମ୍ପର୍କରେ କ'ଣ ବିଏମ୍‌ସି ଅବଗତ ଅଛି କି। ଯଦି ସେ ନକଲି କାଗଜ ଦେଖାଉଛନ୍ତି, ତେବେ ପ୍ରଶାସନ ତାଙ୍କ ବିରୋଧରେ ଥାନାରେ ଏତଲା ଦେବ କି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି।

ସୂଚନାଯୋଗ୍ୟ ଯେ, କିଛି ବର୍ଷ ପୂର୍ବେ ପଳାଶୁଣିରୁ ଚକେଇସିଆଣୀ ମଧ୍ୟରେ ଦୟା ୱେଷ୍ଟ କେନାଲ କଡ଼େ କଡ଼େ ଲୋକେ ଜବରଦଖଲ ଆରମ୍ଭ କରୁଥିଲେ। ଏଠାରେ ଘର କଲେ। ଏବେ ଏହି ଘର କେନାଲ ଭିତରକୁ ପଶି ଅଧାବାଟରେ ହେଲାଣି। ତେବେ ଜଳ ସମ୍ପଦ ବିଭାଗ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ପ୍ରତ୍ୟେକ ଦିନ ଏଠାରେ ଜବରଦଖଲ ଚାଲିଛି। ପରିସ୍ଥିତି ଏଭଳି ହେଲାଣି ଯେ, ଲୋକେ ସମ୍ପୂର୍ଣ୍ଣ ଭାବେ କେନାଲ ପୋତି ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ମୁହଁରେ ଯେପରି ତାଲା ପଡ଼ିଛି। ସେପଟେ ଜବରଦଖଲ ହଟାଇବାକୁ ବିଡିଏକୁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସର୍ଭେ ଅଟକିଛି। ୨୦୨୩ରେ ବିଡିଏ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଯଦିଓ ଏହାକୁ ସାର୍ବଜନୀନ କରାଯାଇ ନ ଥିଲା, ତେବେ ସୂତ୍ର ଅନୁଯାୟୀ, ବିଡିଏରେ ଏହି ରିପୋର୍ଟ ଦାଖଲ କରାଯାଇଥିଲା। ସମୁଦାୟ ୩୫୪୦ ଜବରଦଖଲ ନିର୍ମାଣ ରହିଥିଲା। ସେଥିରେ ୨୭୩୬ ଆବାସିକ ଘର, ଦୋକାନ ଏବଂ ଅସ୍ଥାୟୀ କ୍ୟାବିନ୍ ସହିତ ୭୩୯ ବାଣିଜ୍ୟିକ କୋଠା ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ୬୫ଟି ମନ୍ଦିର, ବିଦ୍ୟାଳୟ, କମ୍ୟୁନିଟି ହଲ୍, ଗାଈଗାରୁ ଗୁହାଳ ଏବଂ କାନ୍ଥ ପ୍ରଭୃତି ରହିଛି। ନୂତନ ସରକାର ଗଠନ ହେବା ପରେ ଏଠାରୁ ଜବରଦଖଲମୁକ୍ତ କରି ଏହାକୁ ଏକ ସୁନ୍ଦର ଜଳାଶୟରେ ପରିଣତ କରିବେ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କଲେ। ହେଲେ ପରିସ୍ଥିତି ଏପରି ହୋଇଛି ଯେ, ଜବରଦଖଲ ହଟିବ କ'ଣ ଦୟା ୱେଷ୍ଟ କେନାଲକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଗଲାଣି।

### ସେମାନଙ୍କ ମତରେ...

ଭୁବନେଶ୍ୱରରେ ଏହି କେନାଲର ଆବଶ୍ୟକତା ରହିଛି। ଏହି କେନାଲକୁ କ'ଣ ପାଇଁ ଏତେ ଅବହେଳା କରାଯାଉଛି। କେନାଲକୁ ପୋତିଦେବା ସମ୍ପୂର୍ଣ୍ଣ ଭାବେ ବେଆଇନ। ଏଭଳି ଜବରଦଖଲକୁ ଯଦି ପ୍ରଶାସନ ଧ୍ୟାନ ନ ଦେବ ଦେବେ କ'ଣ କରାଯିବ।

ଡ. ପୀୟୂଷ ରାଉତ
ଅର୍ବାନ ପ୍ଲାନର

ସହରସାରା ଜଳାଶୟକୁ ଏଭଳି ପୋତାଯାଉଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନାଲକୁ କେବଳ ସରକାର ହିଁ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସ୍ଥିତ ଢଙ୍ଗରେ କଲଭର୍ଟ ତିଆରି କରି ପୋତିପାରିବେ। ଜଣେ ଘରୋଇ ଲୋକ ପୋତିବା ଅର୍ଥ ଜବରଦଖଲ।

ସୂର୍ଯ୍ୟ ନାରାୟଣ ପାତ୍ର
ଓଡ଼ିଶା ପରିବେଶ ସମିତି ସଭାପତି

## ଶିଖରଚଣ୍ଡୀ ମୁଣ୍ଡିଆରେ ହାତୀପଲ

ନନ୍ଦନକାନନ, ୮।୧୨ (ସମିସ): ଭୁବନେଶ୍ୱର ଉତ୍ତର ଶିଖରଚଣ୍ଡୀ ମୁଣ୍ଡିଆରେ ହାତୀପଲ୍ଲ। ଏହି ହାତୀପଲରେ ୫ଟି ହାତୀ ଥିବା ସୂଚନା ମିଳିଛି। ହାତୀପଲ ଏଠାରେ ରହିଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ ଶିନିବାର ବିଳମ୍ବିତ ରାତିରେ ଏହି ହାତୀପଲ କୌଣସିମତେ ଶିଖରଚଣ୍ଡୀ ମୁଣ୍ଡିଆ ଉପରକୁ ଆସିଥିଲେ। ସେଠାରେ ନିର୍ମିତ ହେଉଥିବା ପାଣିଟାଙ୍କି ପଟେ ଗଛଲତା ସବୁ ଭାଙ୍ଗିଛନ୍ତି। ଯାହାପାଇଁ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ଭୟଭୀତ ହୋଇ ରହିଛନ୍ତି। ବନ ବିଭାଗ ସେଠାରେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବାକୁ ପ୍ରୟାସ କରିଛି। ଖବର ଲେଖା ହେଲା ପର୍ଯ୍ୟନ୍ତ ହାତୀପଲ ଶିଖରଚଣ୍ଡୀ ମୁଣ୍ଡିଆରେ ରହିଥିବା ଜଣାପଡ଼ିଛି।



## ଚାକିରି ଆଳରେ ୨୫ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର,୮।୧୨(ସମିସ): ମୋର ସରକାରୀ ଉଚ୍ଚପଦସ୍ଥ ଅଧିକାରୀ ଓ ରାଜନେତାଙ୍କ ସହ ସୁସମ୍ପର୍କ। ପ୍ରତିଦିନ ବସାଉଠା ଓ ହୋଟେଲ୍‌ରେ ଖଟି ଚାଲୁଛି। ତୁଟ୍‌କିରେ ସରକାରୀ ଚାକିରି କରାଇଦେବି। ଏମିତି ମିଛ ଓ ଲୋଭ ଦେଖାଇ ସରକାରୀ ଚାକିରି କରାଇଦେବାକୁ କହି ୨୫ ଲକ୍ଷ ଟଙ୍କା ଠକେଇ କରିଥିବା ଜଣେ ଧୂର୍ତ୍ତକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଗ୍ୟାରେଜ୍ ଛକରେ ରହୁଥିବା ଦେବଗଡ଼ର ପୁରୁଷୋତ୍ତମ ସାହୁ (୪୮)। ପୁଲିସର କହିବା ଅନୁଯାୟୀ, ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କ ପୁଅ ଉଚ୍ଚଶିକ୍ଷିତ। ଉକ୍ତ ବ୍ୟବସାୟୀଙ୍କ ସହ ପୁରୁଷୋତ୍ତମଙ୍କ ଚିହ୍ନା ପରିଚିତ ହୋଇଥିଲା। ତାଙ୍କ ପୁଅକୁ ପୁରୁଷୋତ୍ତମ ଓଡ଼ିଶା ପୌର ପ୍ରଶାସନିକ ସେବା ବିଭାଗରେ ଚାକିରି କରାଇଦେବାକୁ ପୁରୁଷୋତ୍ତମ ପ୍ରବର୍ତ୍ତାଇଥିଲେ। ତାଙ୍କ ପୁଅକୁ ଉକ୍ତ ବିଭାଗରେ ସରକାରୀ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ୨୫ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ମିଛ ନିଯୁକ୍ତିପତ୍ର ଧରାଇଦେଇ ମିଛ କଥା କହିଥିଲେ। ପରେ ଉକ୍ତ ବିଭାଗରେ ଆଉ ନିଯୁକ୍ତି ଦେଇପାରି ନ ଥିଲେ। ପୁରୁଷୋତ୍ତମ ତଞ୍ଚକତା କରି ଅଭିଯୋଗକାରୀଙ୍କଠାରୁ ଟଙ୍କା ନେଇଥିବା କଥା ଜଣାପଡ଼ିବା ପରେ ସେ ଟଙ୍କା ଫେରସ୍ତ ମାଗିଥିଲେ। ବାରମ୍ବାର ଅନୁରୋଧ ପରେ ଅଭିଯୋଗକାରୀଙ୍କୁ ମାତ୍ର ୨.୩ ଲକ୍ଷ ଟଙ୍କା ପୁରୁଷୋତ୍ତମ ଫେରାଇଥିଲେ। ଆଉ ବକେୟା ଟଙ୍କା ନ ଦେଇ ପୁରୁଷୋତ୍ତମ ଧରାଛୁଆଁ ଦେଉ ନ ଥିଲେ। ଟଙ୍କା ମାଗିଲେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ ହେବା ପରେ ପୁଲିସ ପୁରୁଷୋତ୍ତମଙ୍କୁ କାବୁ କରିଥିଲା।

## ଗଣ୍ଡଗୋଳର ସମାଧାନବେଳେ ଖାଇଲେ ମାଡ଼

ବାଲିଅନ୍ତା,୮।୧୨(ସମିସ): ଗଣ୍ଡଗୋଳବେଳେ ବୁଝାଶୁଝା କରି ସମାଧାନ କରିବାକୁ ଚେଷ୍ଟା କରୁଥିବାବେଳେ ବାଲିଅନ୍ତା ଥାନା ଅଧୀନ ଅନ୍ଧୋଟି ଗ୍ରାମର ୱାର୍ଡସଭ୍ୟ ଶ୍ରୀନିବାସ ଜେନା (କାଳନ୍ଦୀ) ଦୁଇଜଣ ଯୁବକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଟୋଲକପଡ଼ା ନିକଟରେ ଜଣେ ସାଇକଲ ଆରୋହୀଙ୍କୁ ନିଶାଡ଼ି ୨ ଯୁବକ ସାଇଡ୍ ମାରିଥିଲେ। ବୃଦ୍ଧ ପ୍ରତିବାଦ କରିବାରୁ ଓଲଟି ଅଶ୍ଳୀଳ ଭାଷାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ସେହିବାଟେ କାରରେ ଯାଉଥିବା ଶ୍ରୀନିବାସ ଗାଡ଼ିରୁ ଓହ୍ଲାଇ ବୁଝାଇବାକୁ ଉଦ୍ୟମ କରିଥିଲେ। ହେଲେ ନିଶାଗ୍ରସ୍ତ ଅବସ୍ଥାରେ ଥିବା ୨ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ପୁଲିସକୁ ଫୋନ୍ କରି ଜଣାଇଥିଲେ। ପୁଲିସ ପହଞ୍ଚିବା ପରେ ଜିମା ଦେଇଥିଲେ। ଶ୍ରୀନିବାସ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି।

### ଯୁବକଙ୍କୁ ହତ୍ୟା ଘଟଣାରୁ ହଟିଲା ପରଦା

# ପିଲାଦିନର ବନ୍ଧୁ ହିଁ ହତ୍ୟାକାରୀ

ଭୁବନେଶ୍ୱର,୮।୧୨(ସମିସ):

ସାଲିଆସାହିର ଯୁବକ ରୁଦ୍ରମଣି ଡାକୁଆଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ଉପରୁ ପରଦା ହଟାଇଛି କମିସନରେଟ୍ ପୁଲିସ। ପିଲା ଦିନର ବନ୍ଧୁ ହିଁ ହତ୍ୟାକାରୀ। ପ୍ରେମ ପାଇଁ ବନ୍ଧୁକୁ ମାଡ଼ ଖୁଆଇଦେବା କଥା ନିଶାସକ୍ତ ଅବସ୍ଥାରେ କହିବା ପରେ ଗାମୁଛାରେ ମୁହଁକୁ ଚିପି ହତ୍ୟା କରିଥିଲା ବନ୍ଧୁ। ଏହି ହତ୍ୟାରେ ସମ୍ପୃକ୍ତି ରହିଥିବା ଅଭିଯୁକ୍ତକୁ ଗିରଫ କରିଛି ମୈତ୍ରୀବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ସାଲିଆସାହିରେ ରହୁଥିବା ଗଞ୍ଜାମର ସ୍ୱରାଜ୍ୟ ନାୟକ(୨୨)।

ପୁଲିସର କହିବା ଅନୁଯାୟୀ, ଅଭିଯୁକ୍ତ ସ୍ୱରାଜ୍ୟ ଓ ମୃତକ ରୁଦ୍ରମଣି ଗୋଟିଏ ଗାଁର। ନିଜ ଗାଁରେ ରୁଦ୍ରମଣି ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। କିଛି ମାସ ତଳେ ଉକ୍ତ ଯୁବତୀଙ୍କୁ ରୁଦ୍ରମଣି ଦେଖା କରିବାକୁ ଯାଇଥିବାବେଳେ ସେଠାରେ ଧରାପଡ଼ି ଯାଇଥିଲେ। ଗାଁ ଲୋକେ ତାଙ୍କୁ ଧରି ପଚାରିବା ପରେ ସେ ସ୍ୱରାଜ୍ୟଙ୍କ ନାମ ସେଠାରେ ପ୍ରକାଶ କରି ଦେଇଥିଲେ। ସ୍ୱରାଜ୍ୟ ଉକ୍ତ ଯୁବତୀଙ୍କୁ ପ୍ରେମ କରୁଥିବାବେଳେ ତାଙ୍କ ସହ ଆସିଥିବା କଥା କହି ସେଠାରୁ ଖସି ଆସିଥିଲେ। ପରେ ଉଭୟ ଗଞ୍ଜାମରୁ ଭୁବନେଶ୍ୱର ପଳାଇ ଆସିଥିଲେ। ସ୍ୱରାଜ୍ୟ ରଙ୍ଗ କାମ କରୁଥିବାବେଳେ ରୁଦ୍ରମଣି ଗାଡ଼ି ଚଳାଉଥିଲେ। ଗାଁରେ ଘଟିଥିବା କଥା କିନ୍ତୁ ସ୍ୱରାଜ୍ୟ ଜାଣି ନ ଥିଲେ। ଗତ ୬ରୁ ୭ମାସ ତଳେ ଯୁବତୀଙ୍କ ପରିବାର ଲୋକ ଭୁବନେଶ୍ୱର ଆସି ମାଷ୍ଟରକ୍ୟାଣ୍ଟିନ୍ ଛକରେ ସ୍ୱରାଜ୍ୟଙ୍କୁ ମାର୍‌ପିଟ୍ କରିଥିଲେ। ସ୍ୱରାଜ୍ୟଙ୍କୁ ମାଡ଼ମରା ଘଟଣାରେ ରୁଦ୍ରମଣି ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିବା ସହ ସବୁ କଥା ଜାଣିଥିଲେ। ଗତ ୬ତାରିଖରେ ସ୍ୱରାଜ୍ୟଙ୍କ ସ୍ୱାଧୀନ ନଗର ସ୍ଥିତ ଭଡ଼ାଘରକୁ

### ପ୍ରେମ ପାଇଁ ବନ୍ଧୁଙ୍କୁ ବଳି ପକାଇ ଫସିଲେ



ରୁଦ୍ରମଣି ବୁଲିବାକୁ ଯାଇଥିଲେ। ଉଭୟ ସେଠାରେ ପ୍ରଚୁର ମଦ୍ୟପାନ କରିଥିଲେ। ରୁଦ୍ରମଣି ନିଶାଗ୍ରସ୍ତ ଅବସ୍ଥାରେ ସ୍ୱରାଜ୍ୟଙ୍କୁ ମାଷ୍ଟରକ୍ୟାଣ୍ଟିନ୍‌ରେ ମାଡ଼ କଥା ପଚାରିବା ପରେ ସେ ଆଚମ୍ବିତ ହୋଇଯାଇଥିଲେ। ସ୍ୱରାଜ୍ୟ ମାଷ୍ଟରକ୍ୟାଣ୍ଟିନ୍‌ରେ ମାଡ଼ ଖାଇଥିବା କଥା କାହାକୁ କହି ନ ଥିବାବେଳେ କେମିତି ରୁଦ୍ରମଣି ଜାଣିଲେ ବୋଲି ପଚାରିଥିଲେ। ସେ ନିଶାସକ୍ତ ଅବସ୍ଥାରେ ସବୁ ସତ କଥା କହି ଦେଇଥିଲେ। ଗତ କିଛି ମାସ ତଳେ ଗାଁ ଓ ମାଷ୍ଟରକ୍ୟାଣ୍ଟିନ୍‌ରେ ଘଟିଥିବା ଘଟଣାଗୁଡ଼ିକୁ ରୁଦ୍ରମଣି ବର୍ଣ୍ଣନା କରିଥିଲେ। ଏହି କଥା ସ୍ୱରାଜ୍ୟ ଶୁଣିବା ପରେ ରକ୍ତମୁଖା ହୋଇଯାଇଥିଲେ। ଏକ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ପରେ ଅଭିଯୁକ୍ତ ଏକ ଗାମୁଛା ସହାୟତାରେ ରୁଦ୍ରମଣିଙ୍କ ମୁହଁକୁ ଚାପି ଧରିଥିଲେ। ଫଳରେ ରୁଦ୍ରମଣି ଶ୍ୱାସରୁଦ୍ଧ ହୋଇ ଚେତାଶୂନ୍ୟ ଅବସ୍ଥାରେ ପଡ଼ି ଯାଇଥିଲେ। ଏହି ଘଟଣା ବିଷୟରେ ଅଭିଯୁକ୍ତ ରୁଦ୍ରମଣିଙ୍କ ମାଆଙ୍କୁ ସ୍ୱରାଜ୍ୟ ଜଣାଇଥିଲେ। ରୁଦ୍ରମଣିଙ୍କ ମାଆ ପରିବାର ସଦସ୍ୟଙ୍କ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଉଦ୍ଧାର କରି ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୁଦ୍ରମଣି ଆତ୍ମହତ୍ୟା କରିଥିବା କଥା ସ୍ୱରାଜ୍ୟ ପ୍ରଥମେ କହିଥିଲେ। କିନ୍ତୁ ସ୍ୱରାଜ୍ୟ କଥାରେ ତାଳମେଳ ରହୁ ନ ଥିବାରୁ ପୁଲିସର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ଏନେଇ ରୁଦ୍ରମଣିଙ୍କ ମାଆ ମୈତ୍ରୀବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ପୁଲିସର ଶବ ବ୍ୟବଚ୍ଛେଦ ରିପୋର୍ଟ, ସାଇଣ୍ଟିଫିକ୍ ରିପୋର୍ଟକୁ ତର୍ଜମା କରିବା ପରେ ଏହା ଏକ ସୁକଳ୍ପିତ ହତ୍ୟା ବୋଲି ଜଣାପଡ଼ିଥିଲା। ସ୍ୱରାଜ୍ୟ ପୁଲିସ ନିକଟରେ ସତ କଥା ମାନିଯାଇଥିଲା।




## ଦୟାନଦୀରୁ ବେଧଡ଼କ ବାଲି ଲୁଟ୍

ଧଉଳି,୮।୧୨(ସମିସ):

ଭୁବନେଶ୍ୱର ତହସିଲ ଅଧୀନ ଦୟାନଦୀରୁ କିଛି ବାଲିମାଫିଆ ଦିନରାତି ବେଧଡ଼କ ଭାବେ ଶହ ଶହ ଟ୍ରିପ୍ ବାଲି ଚୋରି କରୁଥିବା ଅଭିଯୋଗ ହୋଇଛି। ମାତ୍ର ତହସିଲ୍ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ତ ଦୂରର

### ତହସିଲ୍ ପ୍ରଶାସନ ନିରବ

କଥା କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦେଖାଯାଇଛି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ମାଫିଆଙ୍କ ପକେଟ୍‌କୁ ଯାଉଛି। ଅପରପକ୍ଷରେ ବର୍ତ୍ତମାନ ଦୟାନଦୀ ଦକ୍ଷିଣପାର୍ଶ୍ୱ ବନ୍ଧ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିବାବେଳେ ଦାୟିତ୍ୱରେ ଥିବା ଠିକାଦାର ରାସ୍ତା ନିର୍ମାଣରେ ଉକ୍ତ ବାଲି ଲଗାଉଥିବା ଆଲୋଚନା ହେଉଥିବାବେଳେ କିଛି ସ୍ଥାନୀୟ



ଜନପ୍ରତିନିଧି ଓ ପ୍ରଭାବଶାଳୀଙ୍କ ପ୍ରଚ୍ଛଦପଟରେ ହାତ ଥିବା ଅନୁମାନ କରାଯାଉଛି। ଏଭଳି ଅବସ୍ଥା ଟିକରପଡ଼ା ପଞ୍ଚାୟତ କଲ୍ୟାଣପୁର ଶାସନ ନିକଟରୁ ଗତ କିଛିଦିନ ହେଲା ବାଲି ଚୋରି ହେଉଥିଲା। ଶନିବାରଠାରୁ ରବିବାର ପର୍ଯ୍ୟନ୍ତ ୧୫ରୁ ୨୦ଟି ଟ୍ରାକ୍ଟର ଦିନରାତି ବାଲି ବୋହୁଥିବା ଦେଖାଯାଇଛି। ଏହି ଘଟଣା ମାସ ମାସ ଧରି ଚାଲିଥିଲେ ମଧ୍ୟ ଭୁବନେଶ୍ୱର ତହସିଲ୍ ପ୍ରଶାସନର ନିରବ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।



## ସରିଲା ଦୁଇଦିନିଆ ଡଗ୍ ଶୋ'

# 'ଟାବ୍‌ଲେଟ୍' ଓ 'ନାଥିନ୍' ପ୍ରଥମ

















ଭୁବନେଶ୍ୱର,୮ ।୧୨(ସମିସ): ଓୟୁଏଟି ରେଟରିନାରି କଲେଜ ଖେଳ ପଡ଼ିଆରେ ଓଡ଼ିଶା କେନେଲ କ୍ଲବ୍ (ଓକେସି) ଦ୍ୱାରା ଆୟୋଜିତ ଦୁଇଦିନିଆ ଡଗ୍ ଶୋ' ରବିବାର ଉଦ୍‌ଯାପିତ ହୋଇଯାଇଛି । ଶେଷ ଦିନରେ ୬୫ ଏବଂ ୬୬ତମ ଜାତୀୟସ୍ତରୀୟ ଅଲ୍ ବ୍ରିଡ୍ ଚାମ୍ପିଅନ୍‌ସିପ୍ ଡଗ୍ ଶୋ' ଅନୁଷ୍ଠିତ ହୋଇଥିଲା । ଶେଷ ଦିନର କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ୬୫ତମ ଅଲ୍ ବ୍ରିଡ୍ ଚାମ୍ପିଅନ୍‌ସିପ୍‌ରେ ମୁମ୍ବଇର ରିତେଶ ବର୍ମାଙ୍କ ମାଈ ଚିହୁଆହୁଆ "ଟାବ୍‌ଲେଟ୍' ପ୍ରଥମ ସ୍ଥାନ ଅଧିକାର କରିଥିଲାବେଳେ ୬୬ତମ ଅଲ୍ ବ୍ରିଡ୍ ଚାମ୍ପିଅନ୍‌ସିପ୍‌ରେ କୋଲକାତାର ପଲ୍ଲବ ସାହାଙ୍କ ମାଈ ଆମେରିକାନ୍ କ୍ରକର୍ ସ୍ପାନିଅଲ୍ "ନାଥିନ୍' ପ୍ରଥମ ସ୍ଥାନ ଅଧିକାର କରିଥିଲା । ପର୍ତ୍ତୁଗାଲ୍ ଏଫ୍‌ସିଆ ଅନ୍ତର୍ଜାତୀୟ ଜଜ୍ ଟିନା ପେଇସୋତୋ ଏବଂ ବୁଲ୍‌ଗେରିଆର ଏଫ୍‌ସିଆ ଅନ୍ତର୍ଜାତୀୟ ଜଜ୍ ଆଣ୍ଟୋଆନ୍ ହେଲେବରୋଭ୍ ଜଜ୍ ଭାବେ ଯୋଗଦେଇ ବିଜେତାଙ୍କୁ ଚୟନ କରିଥିଲେ । ପ୍ରତିଯୋଗିତାରେ କୁକୁରମାନଙ୍କର ଶାରୀରିକ ଗଠନ, ଚାଲିଚଳଣ, ବ୍ୟବହାର, ସେମାନଙ୍କ ଉତ୍ସାହ, ବ୍ରିଡ୍ ଷ୍ଟାଣ୍ଡାର୍ଡ ଆଦି ବିଭିନ୍ନ ଦିଗକୁ ଧ୍ୟାନ ଦିଆଯାଇ ସେମାନଙ୍କୁ ଜଜ୍ କରାଯାଇଥିଲା । କୁକୁରଙ୍କ ବେଶପୋଷାକ ଦର୍ଶକଙ୍କୁ ଉତ୍ସାହିତ କରିଥିଲା । କୁକୁରମାନେ ମାଲିକ ଇଙ୍ଗିତରେ କାମ କରୁଥିଲେ । ମାଲିକଙ୍କ ପ୍ରତି ଥିବା ସେମାନଙ୍କର ବିଶ୍ୱସନୀୟତାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ । ଏଥିରେ ଆମେରିକାନ୍ କ୍ରକର୍ ସ୍ପାନିଅଲ୍, ଲାସା ଆପ୍‌ସୋ, ସିଟ୍‌ଜୁ, ଡୋବରମାନ୍, ଡାସ୍‌ହାଉଣ୍ଡ, ଇଂଲିଶ ସେଟର୍, ଚିହୁଆହୁଆ ବ୍ରିଡ୍‌ର କୁକୁରଙ୍କଠାରୁ ଆରମ୍ଭ କରି ଗ୍ରେଟ୍ ଡେନ୍, ଜର୍ମାନ ସେଫାର୍ଡ, ପାକ୍, ଆଫ୍‌ଗାନ୍ ହାଉଣ୍ଡ, ଆମେରିକାନ୍ ବୁଲି, ବୁଲ୍ ମାଷ୍ଟିଫ୍, ବକ୍ସର, କେନ୍ କରସୋ, ଫକ୍ସ ଟେରିଅର୍, ସାଇବେରିଆନ୍ ହୁସ୍କି, ଚାଓ ଚାଓ, ଲାବ୍ରାଡର ରେଟ୍ରିଭର, ଗୋଲ୍‌ଡେନ ରେଟ୍ରିଭର, ଫ୍ରେଞ୍ଚ ବୁଲ୍‌ଡଗ୍, ପାସ୍‌ମି ଭଳି ମୋଟ୍ ୪୧ଟି ବ୍ରିଡ୍‌ର ୩ଶହରୁ ଊର୍ଦ୍ଧ୍ୱ କୁକୁର ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତା ସରିବା ପରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ଏମ୍‌ଡି ପଙ୍କଜ ଲୋଚନ ମହାନ୍ତି ଏବଂ ଓୟୁଏଟି ଭେଟେରିନାରି କଲେଜ୍ ଡିନ୍ ଡା. ସୁସେନ୍ ପଣ୍ଡା ଅତିଥି ଭାବେ ଯୋଗଦେଇ ବିଜୟୀ କୁକୁରଙ୍କ ମାଲିକଙ୍କୁ ପୁରସ୍କୃତ କରିଥିଲେ ।

# ଚ୍ୟାନେଲ୍ ସବ୍‌ସ୍କ୍ରାଇବ୍ ଆଳରେ ୯ ଲକ୍ଷ ଠକେଇ

ଭୁବନେଶ୍ୱର,୮ ।୧୨(ସମିସ): ଚ୍ୟାନେଲ୍ ସବ୍‌ସ୍କ୍ରାଇବ୍ କରିବା ଆଳରେ ୯ ଲକ୍ଷ ଟଙ୍କା ଠକେଇ ହୋଇଛି । ଠକାମିର ଶିକାର ହୋଇଥିବା ରାଜଶ୍ରୀ ବେହେରା ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୋଗକୁ ଗ୍ରହଣ

**ପ୍ରତିଦିନ ୨ହଜାର ଟଙ୍କା ମିଳିବାର ଲୋଭ ଦେଖାଇଥିଲେ**

କରି ତଦନ୍ତ କରୁଛି । ଠକ ୯ ଲକ୍ଷ ଟଙ୍କା ଏକାଧିକ ଆକାଉଣ୍ଟକୁ ନେଇ ଟଙ୍କା ଉଠାଇ ନେଇଯାଇଛନ୍ତି । ଯେଉଁ ସବୁ ଆକାଉଣ୍ଟକୁ ଟଙ୍କା ଯାଇଛି ତାହାକୁ ବ୍ଲକ୍ କରିଛି ପୁଲିସ ।

ଅଭିଯୋଗ ଅନୁସାରେ, ରାଜଶ୍ରୀଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଏକ ଲିଙ୍କ୍ ଯାଇଥିଲା । ଏହି ଲିଙ୍କ୍‌ରେ ଘରେ ପଶି ଚ୍ୟାନେଲ୍ ସବ୍‌ସ୍କ୍ରାଇବ୍ କରି ଟଙ୍କା ରୋଜଗାର କରିବାକୁ ଲୋଭ ଦେଖାଇଥିଲେ । ଲୋଭରେ ପଡ଼ି ରାଜଶ୍ରୀ ଠକର ଫୋନ୍



ନମ୍ବରକୁ କଲ୍ କରିଥିଲେ । କିନ୍ତୁ ଠକ ତାଙ୍କୁ ଏକାଧିକ ଲିଙ୍କ୍‌କୁ କ୍ଲିକ୍ କରି ଗ୍ରୁପ୍‌ରେ ଜଏନ୍ କରିବାକୁ କହିଥିଲେ । ରାଜଶ୍ରୀ ଜଏନ୍ କରିବା ପରେ ତାଙ୍କୁ ଚ୍ୟାନେଲ୍ ସବ୍‌ସ୍କ୍ରାଇବ୍ କରି ଦିନକୁ ୧ରୁ ୨ହଜାର ଟଙ୍କା ପାଇବାକୁ କୁହାଯାଇଥିଲା । ରାଜଶ୍ରୀଙ୍କୁ ଆସୁଥିବା ଲିଙ୍କ୍‌କୁ କ୍ଲିକ୍ କରି ଚ୍ୟାନେଲ୍ ସବ୍‌ସ୍କ୍ରାଇବ୍ କରିବା ପରେ ତାଙ୍କ ନିକଟରୁ ୮ଶହ ଟଙ୍କା ଆସିଥିଲା । ପରେ ଇତିଶ୍ରୀଙ୍କୁ ଏକାଧିକ ଗ୍ରୁପ୍‌ରେ ଜଏନ୍ ପରେ ସେମାନଙ୍କୁ ଟଙ୍କା ଲଗାଇ ଦୁଇଗୁଣା ଟଙ୍କା ପାଇବା କଥା କହିଥିଲେ । ରାଜଶ୍ରୀ ପ୍ରଥମେ ୨ହଜାର ଟଙ୍କା ଲଗାଇବା ପରେ ତାଙ୍କ ପାଖକୁ ୨୮୦୦ ଟଙ୍କା ଆସିଥିଲା । ଏହିଭଳି ୫ହଜାର ଟଙ୍କା ଲଗାଇବା ପରେ ତାଙ୍କ ନିକଟକୁ ୭ହଜାର ଟଙ୍କା ଆସିଥିଲା । ଲୋଭରେ ପଡ଼ି ରାଜଶ୍ରୀ ପ୍ରଥମେ ୧ ଲକ୍ଷ ପରେ ଆଉ ୮ ଲକ୍ଷ ଟଙ୍କା ଲଗାଇଥିଲେ । ଟଙ୍କା ଲଗାଇବା ପରେ ଠକ ଆଉ ଟଙ୍କା ଦେଇ ନ ଥିଲେ । ଫୋନ୍ ନମ୍ବର ଏବଂ ଗ୍ରୁପ୍‌ରୁ କାଢ଼ି ଦେଇଥିଲେ । ଶେଷରେ ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି ।

# ୬୮ତମ ସ୍କୁଲ ଗେମ୍ସରେ ଭାଗନେବେ ସୁପ୍ରଜିତ୍

ଭୁବନେଶ୍ୱର,୮ ।୧୨(ସମିସ): ଯୁବ ହ୍ୟାଣ୍ଡବଲ୍ ଖେଳାଳି ସୁପ୍ରଜିତ୍ ବେହେରା ଆଗାମୀ ୬୮ତମ ସ୍କୁଲ୍ ଗେମ୍ସ ହ୍ୟାଣ୍ଡବଲ୍



(୧୯ ବର୍ଷରୁ କମ୍)ରେ ଭାଗନେବା ପାଇଁ ରାଜ୍ୟ ଦଳ ପକ୍ଷରୁ ମନୋନୀତ ହୋଇଛନ୍ତି । ଏହି ପ୍ରତିଯୋଗିତା ଆସନ୍ତା ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନା ସହରରେ ଅନୁଷ୍ଠିତ ହେବ । ସୁପ୍ରଜିତ୍ ବର୍ତ୍ତମାନ କଳିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ୍ ଅଫ୍ କମର୍ସରେ ଯୁକ୍ତ ୨ରେ ପ୍ରଥମ ବର୍ଷରେ ଅଧ୍ୟୟନରତ । ସୁପ୍ରଜିତ୍ ହ୍ୟାଣ୍ଡବଲ୍ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି ।

## ■ ପ୍ରବାସୀ ଭାରତୀୟ ଦିବସ ପାଇଁ ବିଏମ୍‌ସି ପକ୍ଷରୁ ପ୍ରସ୍ତୁତି

# ମନ ମୋହିଲା ଭୁବନେଶ୍ୱର ଭାଇବ୍‌ସ

ଭୁବନେଶ୍ୱର,୮ ।୧୨(ସମିସ): ପ୍ରବାସୀ ଭାରତୀୟ ଦିବସ ପାଇଁ ଆରମ୍ଭ ହେଲାଣି ପ୍ରସ୍ତୁତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସ୍ୱତନ୍ତ୍ର ମ୍ୟୁଜିକାଲ ନାଇଟ୍ 'ଭୁବନେଶ୍ୱର ଭାଇବ୍ସ' । ରବିବାର ସନ୍ଧ୍ୟାରେ ୟୁନିଟ୍ ୨ ସ୍ଥିତ ମାର୍କେଟ ବିଲ୍ଡିଂ ଓ ମାଷ୍ଟରକ୍ୟାଣ୍ଟିନ୍ ଛକ ଆଇ ଲଭ୍ ୟୁ ଭୁବନେଶ୍ୱର ନିକଟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଏବଂ ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ବହୁ କର୍ପୋରେଟର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ



ବିଭୋର କରିଥିବାବେଳେ ଆଗକୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମାର୍କେଟ୍ ବିଲ୍ଡିଂଠାରେ ଗୌତମ ଗିରି, ସୋନମ୍ ଦାଶ ଗୀତ ପରିବେଷଣ କରିଥିବାବେଳେ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଦେବ ଆନନ୍ଦ, ପ୍ରିୟା ସିଂ, ଅମିତ ସୌରିଆ ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି । କୋରାପୁଟର ତରୁଣ ତୁଷାରକାନ୍ତ ବଂଶୀବାଦନରେ ସମସ୍ତଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛନ୍ତି । କାର୍ଯ୍ୟକ୍ରମରେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ମିହିର କୁମାର ରାଉତ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ମହାମାୟା ସ୍ୱାଇଁ, ରାଜକିଶୋର ଦାସ, ଶ୍ରୀଧର ବେହେରାଙ୍କ ସହ କର୍ପୋରେଟର ଅମରେଶ ଜେନା, ଅଜିତ ବେହେରା, ଆସିଆ ବେଗମ୍, ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କନ୍‌ସଲ୍‌ଟାଣ୍ଟ କାର୍ଯ୍ୟାଳୟ ଖୋଲି ଚଳାଇଥିଲେ ଚାକିରି ର୍‍ୟାକେଟ୍

# ୩ ଅଭିଯୁକ୍ତଙ୍କୁ ବାନ୍ଧିଲା କମିସନରେଟ୍ ପୁଲିସ

ଭୁବନେଶ୍ୱର,୮ ।୧୨(ସମିସ):

କନ୍‌ସଲ୍‌ଟାଣ୍ଟ କାର୍ଯ୍ୟାଳୟ ଖୋଲି ଚଳାଇଥିଲେ ନିଯୁକ୍ତି ର୍‍ୟାକେଟ୍ । ମିଛ ନିଯୁକ୍ତି ଦେବାକୁ କହି ସତସତିକା ଠକେଇ ସାମ୍ରାଜ୍ୟ ଚଳାଉଥିଲେ । ରବିବାର ନିଯୁକ୍ତି ଆଳରେ ଠକେଇ ନେଟ୍‌ୱର୍କ ଚଳାଉଥିବା

**କାର୍, ବାଇକ୍, ଲାପ୍‌ଟପ୍ ଓ ମିଛ ନିଯୁକ୍ତିପତ୍ର ଜବତ**

ଏକ ଗ୍ୟାଙ୍ଗ୍‌କୁ କାବୁ କରିଛି କମିସନରେଟ୍ ପୁଲିସ । ଏହି ଗ୍ୟାଙ୍ଗ୍ ଚଳାଉଥିବା ଜଣେ ଯୁବତୀଙ୍କ ସମେତ ୩ ଜଣ ସଦସ୍ୟଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ । ସେମାନେ ହେଲେ ପିପିଲି ଉତ୍ତରାରେ ରହୁଥିବା ତମନ୍ନା ମନାଲି ଓରଫ ଯଜ୍ଞାଶିନୀ କର (୨୭), ବଡ଼ଗଡ଼ର ଜୟକୃଷ୍ଣ ଦାଶ ଓରଫ ପ୍ରିୟ(୨୮) ଓ ଜୀବନଦୀପ ନନ୍ଦ ଓରଫ ପ୍ରିନ୍ସ (୨୨) । ସେମାନଙ୍କଠାରୁ କାର୍, ବାଇକ୍, ନକଲି ନିଯୁକ୍ତିପତ୍ର, ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଓ ଅନ୍‌ଲାଇନ୍ ଟଙ୍କା ନେଣଦେଣର କାଗଜପତ୍ର ଜବତ ହୋଇଛି । ଏହି ଘଟଣାରେ ସମ୍ପୃକ୍ତି ରହିଥିବା ଆଉ କିଛି ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କୁ



ଧରିବାକୁ ଚଢ଼ଉ ଜାରି ରହିଛି । ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି ।

ଧରାପଡ଼ିଥିବା ୩ ଅଭିଯୁକ୍ତଙ୍କ ସମେତ ସୁରେଶ କୁମାର ରାଓ ବଡ଼ଗଡ଼ ଥାନା ବିଜେଇଏମ୍ ସ୍କୁଲ ସାମ୍‌ନାରେ 'ସକ୍ସେସ୍ ଡିଲ୍' ନାମରେ ଗୋଟିଏ କନ୍‌ସଲ୍‌ଟାଣ୍ଟ ସଂସ୍ଥା ଖୋଲିଥିଲେ । ଉକ୍ତ ସଂସ୍ଥା ରେଲ୍‌ୱେ, ଏଚ୍‌ଓଡି ସହ ଗ୍ରୁପ୍-ଡି'ର ଅନ୍ୟାନ୍ୟ ଚାକିରି ଯୋଗାଇ ଦିଆଯାଉଥିବା ସେମାନେ ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର କରୁଥିଲେ । ଫେସ୍‌ବୁକ୍‌ରେ ଚାକିରି ଯୋଗାଇ ଦିଆଯାଉଥିବା ବିଜ୍ଞାପନ ଦେଖି ଜଣେ ଉଚ୍ଚଶିକ୍ଷିତ ଚାକିରି ଆଶାୟୀ ସେମାନେ ଦେଇଥିବା ନମ୍ବରରେ ଯୋଗାଯୋଗ କରିଥିଲେ । ତାଙ୍କୁ ମଞ୍ଚେଶ୍ୱର ସ୍ଥିତ ରେଳବାଇ ୱାର୍କସପ୍‌ରେ ଚାକିରି କରାଇଦେବା ନାଁରେ ଅଭିଯୋଗକାରୀ ସନ୍ଦିପଙ୍କୁ ବିଜେଇଏମ୍ ସ୍କୁଲ ସାମ୍‌ନାରେ ଥିବା କାର୍ଯ୍ୟାଳୟକୁ ଡାକିଥିଲେ । ଅଭିଯୁକ୍ତ ମନାଲି ନିଜକୁ ସଂସ୍ଥାର ମୁଖ୍ୟ କହୁଥିବାବେଳେ ଅନ୍ୟତମ ଫେରାର୍ ଅଭିଯୁକ୍ତ ଏରିଆ ମ୍ୟାନେଜର ପରିଚୟ ଦେଉଥିଲେ । ଚାକିରି ଆଶାୟୀଙ୍କୁ ମଞ୍ଚେଶ୍ୱର ସ୍ଥିତ ରେଳବାଇ ୱାର୍କସପରେ ଗ୍ରୁପ୍-ଡି' ଚାକିରି ଦେବାକୁ କହି ୩ ଲକ୍ଷ ଟଙ୍କା ମାଗିଥିଲେ । ତାଙ୍କୁ କାଗଜପତ୍ର ବାବଦରେ ଆଗ୍ରୀମ ୩୦ ହଜାର ଟଙ୍କା ମାଗିବାରୁ ସେ ଦେଇଥିଲେ । ନିଯୁକ୍ତି ଆଶାୟୀଙ୍କ ଯେମିତି ସନ୍ଦେହ ନ ହେବ ତାଙ୍କର ମେଡିକାଲ ପରୀକ୍ଷା କରାଇଥିଲେ । ଏଥିସହ ରେଲ୍‌ୱେ ଲୋଗୋ ଥିବା ଏକ ନକଲି ନିଯୁକ୍ତିପତ୍ର ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଇଥିଲା । ତେଣୁ ନିଯୁକ୍ତି ଆଶାୟୀ ଥିବା ଯୁବକଙ୍କ ନିଯୁକ୍ତିପତ୍ର ପାଇବା ପରେ ପୁଣି ଟଙ୍କା ମାଗିଥିଲେ । ଏଭଳି ଭାବେ ୫୫ହଜାର ଟଙ୍କା ନେଇଥିଲେ । ଜଣେ ନୁହେଁ ନିଯୁକ୍ତି ଦେବାକୁ କହି ଏକାଧିକ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ କରି ନେଇଥିଲେ । ଏହି ଘଟଣାରେ ପୂର୍ବରୁ ସୁରେଶ କୁମାର ରାଓଙ୍କୁ ଗିରଫ କରାଯାଇଥିଲା । ତାଙ୍କୁ ପଚରାଉଚରା ପରେ ଠକେଇର ଗୁମର ଖୋଲିବା ସହ ସଂସ୍ଥାର ଲିଙ୍କ୍ ମିଳିଥିଲା । ସେଠାରୁ ୩ଜଣଙ୍କୁ କାବୁ କରିବା ସହ କାର୍ଯ୍ୟାଳୟକୁ ସିଲ୍ କରିଛି କମିସନରେଟ୍ ପୁଲିସ ।

# ଅଶ୍ଳୀଳତା ଗଳିରେ ବଦନାମ୍ ଯାତ୍ରା



ଭୁବନେଶ୍ୱର,୮ ।୧୨(ସମିସ): ଧୁଡୁକି, ଦାସକାଠିଆ, ଦୁଆରୀ ଆଦି ଲୋକନୃତ୍ୟର ଅବସାନ ପରେ ଦର୍ଶକମାନଙ୍କୁ ସର୍ବପୁରାତନ ଓ ସର୍ବୋତ୍କୃଷ୍ଟ ମନୋରଞ୍ଜନ ଯୋଗାଇ ଆସୁଛି ଯାତ୍ରା(ଅପେରା) । ଜଲିଉଡ୍ ଜଗତର କଳାକାରମାନେ କାହିଁ କେଉଁ କାଳରୁ ଆକର୍ଷଣୀୟ ନାଟକ ପରିବେଷଣ କରି ଯାତ୍ରା ପ୍ରେମୀଙ୍କୁ ବିମୋହିତ କରୁଛନ୍ତି । ଏକବିଂଶ ଶତାବ୍ଦୀରେ ଯାତ୍ରାର ମହକ ଓ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଛି । କେଉଁଠି ରାତି ଅନ୍ଧାରରେ ଅପେରା ଆୟୋଜନ ହେଉଥିଲେ, ଲୋକମାନେ ରାତି ଅନ୍ଧାରରେ ଛୁଟି ଆସୁଛନ୍ତି । ଏଥିରେ ସାମାଜିକ ଚଳଣି ସହ ମନଛୁଆଁ କାହାଣୀ ଲୋକଙ୍କ ଭିତରେ ଏକା ସାଙ୍ଗରେ ଲୁହ ଓ ହସ ଭରି ଦେଉଛି । ହେଲେ ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ଅଶ୍ଳୀଳ ନୃତ୍ୟ ପରିବେଷଣ ପ୍ରସଙ୍ଗରେ ଯାତ୍ରା ବଦନାମ୍ ହେଉଛି । ସରକାର ଏହା ଉପରେ ସ୍ୱତନ୍ତ୍ର ଆଇନ୍ ଆଣିବା ନେଇ ଯୋଜନା କରୁଛନ୍ତି । ହେଲେ ସର୍ବପୁରାତନ ଏହି ମନୋରଞ୍ଜନ ଶିଳ୍ପର ଅନ୍ୟାନ୍ୟ ସମସ୍ୟା ପ୍ରତି ସରକାର ଆଖି ବୁଜି ଦେଇଥିବାରୁ 'ଅପେରା ମାଷ୍ଟର୍ସ ଆସୋସିଏସନ୍'(ଓମା) ଦୁଃଖ ପ୍ରକାଶ

**ପଛରେ ମାଳମାଳ ସମସ୍ୟା**

**'ଯାତ୍ରାର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତୁ ସରକାର'**

କରିଛି । ଯାତ୍ରା କଳାକାରମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଓମା ପକ୍ଷରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ତାଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି । ସମସ୍ୟାଗୁଡ଼ିକ ହେଉଛି, ଯାତ୍ରାକୁ ଶିଳ୍ପର ମାନ୍ୟତା ମିଳୁ । ଏଥିପାଇଁ ସ୍ୱତନ୍ତ୍ର ଏକାଡେମୀ ଗଠନ କରାଯାଉ ଓ ସିନେମା ଭଳି ସରକାର ଯାତ୍ରା କଳାକାର ଓ ଯାତ୍ରା ସମୁଦାୟଙ୍କୁ ପୁରସ୍କୃତ କରନ୍ତୁ । ଯାତ୍ରା ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉ । ସିନେମା ଭଳି ସେନ୍ସର ବୋର୍ଡର ବ୍ୟବସ୍ଥା କରିବା ଆଦି ୧୦ଟି ଦାବି ରଖିଛି ଓମା । ଏହି ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ତଥା ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ କହଲେ, ସରକାର ୧୫୦ ବର୍ଷର ଏହି ପରମ୍ପରା ବାବଦରେ ବିଧିବଦ୍ଧ ନିଷ୍ପତ୍ତି ନେଇ ଯାତ୍ରାକୁ ସବୁ କ୍ଷେତ୍ରରେ ପ୍ରଥମେ ଆପଣାର କରନ୍ତୁ । ତା'ପରେ ନିୟମ ଆଣନ୍ତୁ । ନିର୍ଦ୍ଦେଶକ ଲାଲା ବିରେନ୍ ରାୟ କହିଲେ, ଅଶ୍ଳୀଳତା ବାହାନାରେ ସରକାର ଅନ୍ୟ ସବୁ କଥାକୁ ଅଣଦେଖା ନ କରନ୍ତୁ । ସଭାପତି ବିଜୟ ଦାସ, ସମ୍ପାଦକ ଅରୁଣ ନାୟକ ଅନୁରୂପ ମତ ରଖିଥିଲେ । ଖୁବ୍‌ଶୀଘ୍ର ଓମାର ପ୍ରତିନିଧି ଦଳ ସରକାରଙ୍କୁ ଏସବୁ ବିଷୟରେ ଲିଖିତ ଭାବେ ଜଣାଇବା ନେଇ ଅନୁଷ୍ଠାନର ମୁଖପାତ୍ର ନାଟ୍ୟକାର ହର ବାରିକ୍ ସୂଚନା ଦେଇଛନ୍ତି ।

# ଜାତୀୟସ୍ତରରେ ଅନୁଦିତ କବିତା ପାଠୋତ୍ସବ

**ଆଭାସୀରେ ଯୋଗଦେଲେ ୬ ରାଜ୍ୟର ୨୦ ଯୁବ କବି ଓ ଅନୁବାଦକ**

ଭୁବନେଶ୍ୱର,୮।୧୨(ସମିସ): ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନଲାଇନ୍ ମାଧ୍ୟମରେ ୬ଟି ରାଜ୍ୟର ୨୦ ଜଣ ଯୁବ କବି ଓ ଅନୁବାଦକଙ୍କୁ ନେଇ ଜାତୀୟସ୍ତରର ଅନୁଦିତ କାବ୍ୟପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଶ୍ମୀର, ନାଗାଲାଣ୍ଡ, ଓଡ଼ିଶା, ମହାରାଷ୍ଟ୍ର, ଆସାମ, ପଞ୍ଜାବରୁ ଯୁବ ଲେଖକମାନେ ପ୍ରତିନିଧିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାରତୀୟ ଲେଖକ ଡ. ଜ୍ଞାନେଶ୍ୱର ମୁଳେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମରାଠୀ ଭାଷାର ଲେଖିକା ଡ. ମନୀଷା ଆନନ୍ଦ ପାଟିଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଅନୁଦିତ କାବ୍ୟପାଠର ସଂଯୋଜନା କରିଥିଲେ ଆସାମର କବି ବନ୍ଦିତା ମୁଦିଆର ଠାକୁରୀୟା ଏବଂ ଓଡ଼ିଶାର ଜୟଶ୍ରୀ ଦୋରା। ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନୁବାଦ ପାଇଁ ବିଭିନ୍ନ ଭାଷାର ଅନୁବାଦ ପୁସ୍ତକ ପ୍ରକାଶନ ଦିଗରେ ନିରନ୍ତର ପ୍ରୟାସ କରାଯାଉଛି ବୋଲି ୨୮ତମ ଅନଲାଇନ୍ ଆଲୋଚନାଚକ୍ର ଭାରତୀୟ ଅନୁବାଦ ସାହିତ୍ୟର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରକାଶ କରିଥିଲେ।

**ଅଲୋଡ଼ା ହେଲା ସ୍ମାର୍ଟ ସିଟିର ସ୍ମାର୍ଟ କିଓସ୍କ**

# ଚୋରି ହେଉଛି କ୍ୟାମେରା, ଏଲ୍ଇଡି

ଭୁବନେଶ୍ୱର,୮।୧୨(ସମିସ):

ରାଜଧାନୀକୁ ଅଧିକ ସ୍ମାର୍ଟ କରିବାକୁ ବିଭିନ୍ନ ସ୍ଥାନରେ ସ୍ମାର୍ଟ କିଓସ୍କ ନିର୍ମାଣ କରାଯାଇଥିଲା। ଏହାକୁ ବ୍ୟବହାର କରି ଜଣେ ବ୍ୟକ୍ତି ମୋବାଇଲ୍ ରିଚାର୍ଜଠାରୁ ଆରମ୍ଭ କରି ବସ୍ ଟିକଟ୍, ଟ୍ରେନ୍ ଏବଂ ବିମାନ ଟିକଟ୍ କରିବା, ବିଦ୍ୟୁତ୍ ବିଲ୍ ପୈଠ କରିବା ସହ ଜିପିଏସ୍ ନ୍ୟାଭିଗେସନ ଭଳି ସେବା ପାଇପାରିବେ। ହେଲେ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ ଏହି ସେବା ଲାଗୁ ହୋଇପାରିଲା ନାହିଁ। ନିର୍ମାଣ ଶେଷ ପରେ ଗୋଟିଏ ଦିନ ବି ଏହି କିଓସ୍କ ଲୋକଙ୍କ କାମରେ ଆସିପାରିଲା ନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କିଓସ୍କକୁ ଉଦ୍‌ଘାଟନ ହେବା କେହି ଦେଖିନାହାନ୍ତି। କିଓସ୍କଗୁଡ଼ିକ ବର୍ଷ ବର୍ଷ ଧରି ରାସ୍ତାରେ ଅଲୋଡ଼ା ହୋଇ ଛିଡ଼ା ହୋଇଥିଲାବେଳେ ଏଥିରେ ଲାଗିଥିବା କ୍ୟାମେରା, ଏଲ୍ଇଡି ଲାଇଟ୍ ଚୋରି ହେଲାଣି। ଭୁବନେଶ୍ୱର ସ୍ମାର୍ଟ ସିଟି



ଲିମଟେଡ୍(ବିଏସ୍ଇଏଲ୍)କୁ ଏହି ପ୍ରକଳ୍ପ ଚାଲୁ କରିବାର ଦାୟିତ୍ୱ ଦିଆଯାଇଥିଲା। ରାଜଧାନୀର ୭୦ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି କିଓସ୍କକୁ ଖଞ୍ଜାଯାଇଥିଲା। ଜନପଥ, କଳିଙ୍ଗ ବିହାର ଛକ, ଜୟଦେବ ବିହାର, ନନ୍ଦନକାନନ ଛକ, ଘାଟିକିଆ ପ୍ରଭୃତି ଛକଗୁଡ଼ିକରେ ଏହାକୁ ଲଗାଯାଇଥିଲା। ସ୍ମାର୍ଟ ସାଇକଲ ଭଳି ସ୍ମାର୍ଟ କିଓସ୍କ ରାସ୍ତାରେ ପଡ଼ି ରହିଛି, ହେଲେ କାହାର କାମରେ ଆସୁନାହିଁ। ଏହାକୁ ଲୋକେ ଏବେ ଅଳିଆ ଏବଂ ଅଲୋଡ଼ା ବୋଲି ଭାବିଲେଣି। କିଛିଦିନ ତଳେ ଏହାକୁ ସ୍ଥାନାନ୍ତର କରି ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲଗୁଡ଼ିକରେ ଲଗାଇବାକୁ ନେଇ ଆଲୋଚନା ହୋଇଥିଲା। ହେଲେ ସ୍ମାର୍ଟ ସିଟି ଏଥିରେ କୌଣସି ମନଯୋଗ ନ କରିବାକୁ ଆଲୋଚନା ଆଗକୁ ବଢ଼ିପାରିଲା ନାହିଁ କି କାର୍ଯ୍ୟକାରୀ ହୋଇପାରିଲା ନାହିଁ। କଳିଙ୍ଗ ବିହାରରେ ଲାଗିଥିବା ସ୍ମାର୍ଟ କିଓସ୍କ କେବଳ ନିର୍ମାଣ କରାଯାଇ ଛାଡ଼ି ଦିଆଗଲା। ହେଲେ ଉଦ୍‌ଘାଟନ ହୋଇପାରିଲା ନାହିଁ। ଏବେ ଏଥିରୁ କ୍ୟାମେରା ଚୋରି ହୋଇଗଲାଣି ବୋଲି ସ୍ଥାନୀୟ ବାସିନ୍ଦା ଜଗନ୍ନାଥ ମହାନ୍ତି କହିଛନ୍ତି।

**ଜୀବନର କେତେ ରଙ୍ଗ**

# ଦୃଢ଼ ମନୋବଳର ପ୍ରତୀକ ସୁମନ୍ତ

ଆମେ ଦିବ୍ୟାଙ୍ଗ ନୁହଁ, ଆମେ ଦୃଢ଼ ମନୋବଳର ପ୍ରତୀକ। ଦେହର ଦୃଷ୍ଟିରୁ ଆମେ ଦୁର୍ବଳ ଦେଖାଯାଇପାରୁ, କିନ୍ତୁ ଆମର ମନ ସଦା ଶକ୍ତିମାନ। ଚେଷ୍ଟା ଏବଂ ଦୃଢ଼ତା ବଳରେ ଜୀବନରେ କୌଣସି ସୀମା ରୋକିପାରି ନ ଥାଏ। ଲୋକଙ୍କ ନଜର ସବୁବେଳେ ଆମକୁ କିଛି ଅଲଗା ଦେଖିଥାଏ ଏବଂ କହିଥାଏ। ହେଲେ ସେସବୁ ପରେ ବି ସମାଜରେ ମୁଣ୍ଡଟେକି ଚଳି ହୁଏ, ଆଗକୁ ବଢ଼ିହୁଏ। ଏପରି କିଛି ପ୍ରେରଣାଦାୟକ କଥା ଶୁଣିବାକୁ ମିଳିଥିଲା ସୁମନ୍ତ ପ୍ରଧାନଙ୍କ ମୁହଁରୁ।

ସୁମନ୍ତ ପ୍ରଧାନ ଝାରପଡ଼ାରେ ଏବେ ଜଣେ ହେଲ୍‌ଥ ଏବଂ ଫିଟ୍‌ନେସ୍ କୋଚ୍ ଭାବେ ପରିଚିତ। କୁହାଯାଏ ପ୍ରତ୍ୟେକ ମଣିଷର ଏକ ଭିନ୍ନ କାହାଣୀ ରହିଥାଏ। ସେହିପରି ସୁମନ୍ତଙ୍କ ଜୀବନରେ ମଧ୍ୟ ୨୦୧୧ରେ ମୋଡ଼ ବଦଳାଇ ଦେଇଥିଲା ଏକ ଦୁର୍ଘଟଣା। ସେଇ ଦୁର୍ଘଟଣା ଯୋଗୁଁ ସେ ନିଜର ଗୋଟେ ଗୋଡ଼ ହରାଇ ବସିଲେ। ହଠାତ୍ ଦିବ୍ୟାଙ୍ଗ ହୋଇପଡ଼ିବା ସହ ମାନସିକ ସ୍ତରରେ ମଧ୍ୟ ପୂରାପୂରି ଭାଙ୍ଗି ପଡ଼ିଥିଲେ। ଏସବୁ ପରେ ବି ଯେତେବେଳେ ସେ ଚାରିପାଖରେ ଆହୁରି ଲୋକଙ୍କୁ ଦେଖିଲେ ଯେ କିଏ ହାତ ତ କିଏ ଦୁଇ ଗୋଡ଼ ହରାଇ ମଧ୍ୟ ସମାଜରେ ଦୃଢ଼ ମନୋବଳ ସହ ଆଗକୁ ବଢୁଛନ୍ତି। ସେହି କ୍ଷଣିକ ସମୟ ହିଁ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା ବୋଲି ସୁମନ୍ତ କହିଥିଲେ। ସବୁପରେ ବି ଜୀବନଜୀବିକାର ଭାର ତାଙ୍କୁ ଚିନ୍ତାରେ ପକାଇଥିଲା, ତଥାପି ସେ ହାରମାନି ନ ଥିଲେ। ପରେ କୃତ୍ରିମ ଗୋଡ଼ ସହାୟତାରେ ସେ ଆଗକୁ ବଢ଼ିବା ପାଇଁ ପ୍ରୟାସ କଲେ। ପୂର୍ବରୁ ଯେଉଁ କାମ କରିପାରୁଥିଲେ ତାହା ଏବେ ସମ୍ଭବପର ନ ହେବାରୁ ପରେ ମୋବାଇଲ ଟେକ୍ନିସିଆନ ଭାବେ କାମ ଆରମ୍ଭ କଲେ। ସେଥିରେ ମଧ୍ୟ କିଛି ଦିନ କାମ ଚାଲିଲା ପରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ। ଫଳରେ ସେ କାମ ମଧ୍ୟ ତାଙ୍କୁ ଛାଡ଼ିବାକୁ ପଡ଼ିଥିଲା। ପରିବାରରେ ମାଆଙ୍କ ବ୍ୟତୀତ ଅନ୍ୟ କେହି ତାଙ୍କୁ ସମର୍ଥନ କଲେ ନାହିଁ। ସଂଘର୍ଷ ସହ ନିଜକୁ ପରିବାରଠୁ ଦୂରେଇବାକୁ ପଡ଼ିଥିଲା। ତାଙ୍କ ବିବାହ ହେଲା ପରେ ପତ୍ନୀଙ୍କ ମନୋବଳ ଏବଂ ସମର୍ଥନ ଯୋଗୁଁ ସେ ରାଜଧାନୀ ଚାଲି ଆସିଲେ। ପ୍ରଥମେ କିଛି ଛୋଟ ଛୋଟ କାମ କରି ଘର ଚଳେଇବାକୁ ପ୍ରୟାସ କରିଥିଲେ। ପରେ ଜଣେ ହେଲ୍‌ଥ ଆଣ୍ଡ ଫିଟ୍‌ନେସ କୋଚ୍ ଭାବେ ନିଜକୁ ପରିଚିତ କରାଇଲେ। ଏ ନେଇ ସୁମନ୍ତ କୁହନ୍ତି, ଦୁର୍ଘଟଣା ପରେ ତାଙ୍କ ଦେହ ଖରାପ ଯୋଗୁଁ ସେ ଦୀର୍ଘ ୬ ମାସ ପର୍ଯ୍ୟନ୍ତ ଶଯ୍ୟାଶାୟୀ ହେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଖାଦ୍ୟ, ପାନୀୟରେ ଅନିୟମିତତା ଯୋଗୁଁ ତାଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟାର ସମ୍ମୁଖୀନ ମଧ୍ୟ ହେବାକୁ ପଡ଼ିଲା। ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ପୁଣି ନିଜ କର୍ମମୟ ଜୀବନକୁ ଫେରିପାରିଲେ। ତେଣୁ ସେ ଗତ ଦେଢ଼ ବର୍ଷ ପରେ ସ୍ଥିର କଲେ ଖାଦ୍ୟ, ପାନୀୟ ସହ ଲୋକଙ୍କୁ ଦୈନିକ ଜୀବନଯାପନ ଶୈଳୀ ବିଷୟରେ ପରାମର୍ଶ ଦେବେ। ସେଥିପାଇଁ ସେ ସମ୍ପର୍କିତ ପ୍ରଶିକ୍ଷଣ ନେବା ପରେ ଜଣେ ଫିଟ୍‌ନେସ୍ କୋଚ ହୋଇପାରିଛନ୍ତି। ଏହା ସହିତ ପ୍ରମାଣକରି ଦେଖାଇଛନ୍ତି କି ଶାରୀରିକ ଅକ୍ଷମତା କେବେ ମନୋବଳ ଭାଙ୍ଗିପାରେ ନାହିଁ।




# ନାଟକ 'ଆଗାମୀ' ମଞ୍ଚସ୍ଥ

ଭୁବନେଶ୍ୱର,୮।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ତରଫରୁ ରବୀନ୍ଦ୍ର ମଣ୍ଡପଠାରେ ନାଟ୍ୟଧାରାର ନାଟକ 'ଆଗାମୀ' ମଞ୍ଚସ୍ଥ ହୋଇଛି। ମନୋରଞ୍ଜନ ଦାସଙ୍କ ଦ୍ୱାରା ଲିଖିତ ଓ ମିହିର ମେହେରଙ୍କ ନିର୍ଦ୍ଦେଶନାରେ ନାଟକଟି ଇଣ୍ଟରନ୍ୟାସ୍‌ନାଲ ଥିଏଟର ପକ୍ଷରୁ ପରିବେଷିତ ହୋଇଥିଲା। ଓଡ଼ିଆ ନାଟ୍ୟଜଗତରେ ଏ ନାଟକ ଏକ ସ୍ୱତନ୍ତ୍ର ମହତ୍ତ୍ୱ ରଖେ। ନାଟକର ମୁଖ୍ୟ ଚରିତ୍ରରେ ଶରତ ଏବଂ ସରସୀଙ୍କ ଦ୍ୱାରା ନାଟକରେ ସଂଘର୍ଷ ଓ ଆକାଂକ୍ଷାକୁ ଅତି ନିଖୁଣ ଭାବରେ ଦର୍ଶାଯାଇଛି। ସ୍ୱାଧୀନତା ପରବର୍ତ୍ତୀ ସମୟର ଘଟଣାକୁ ନେଇ ପର୍ଯ୍ୟବସିତ ଏ ନାଟକ। ନାଟକର ମୁଖ୍ୟ ଚରିତ୍ରରେ ଶରତ ଏକ ଶ୍ରମିକ ନେତା ଭାବେ ନିଜ ସମ୍ପ୍ରଦାୟର ଦାୟିତ୍ୱ କର୍ତ୍ତବ୍ୟ ପ୍ରତି ଅନୁରାଗୀ ଥିବାବେଳେ ସରସୀର ପ୍ରେମ ଓ ପ୍ରୋତ୍ସାହନ ନାଟକକୁ ଗତି ଦେଇଛି। ନିଜର ବ୍ୟକ୍ତିଗତ ଇଚ୍ଛା ଓ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ନାଟକରେ ବେଶ୍ ଅନ୍ତରଙ୍ଗ ଭାବରେ ଫୁଟି ଉଠିଛି।



# ୧୦ରେ ବିଶ୍ୱ ମାନବ ଅଧିକାର ଦିବସର ବାର୍ତ୍ତା ଦେବ ଆୟୋଗ

ଭୁବନେଶ୍ୱର,୮।୧୨(ସମିସ): ଅଧିକାର ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ 'ବିଶ୍ୱ ମାନବ ଅଧିକାର ଦିବସ' ଭାବେ ପାଳନ କରାଯାଇଥାଏ। ଯାହା ପ୍ରତ୍ୟେକ ମାନବ ଜାତିର ସମ୍ମାନ, ମର୍ଯ୍ୟାଦା ଓ ଅଧିକାରର ଗୁରୁତ୍ୱକୁ ଉପସ୍ଥାପିତ କରିଥାଏ। ଏହି କ୍ରମରେ ଆସନ୍ତା ୧୦ ତାରିଖରେ ଓଡ଼ିଶା ମାନବ ଅଧିକାର ଆୟୋଗ ପକ୍ଷରୁ ଏହି ଦିବସକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଜୟଦେବ ଭବନ ପରିସରରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ, ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମାନବାଧିକାର ଆୟୋଗର ସଦସ୍ୟଗଣ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେବେ ବୋଲି ମାନବ ଅଧିକାର ଆୟୋଗର ରେଜିଷ୍ଟ୍ରାର ତଥା ଭାରପ୍ରାପ୍ତ ସଚିବ ସ୍ୱିଟି ସାମନ୍ତରାୟ ଅବଗତ କରାଇଛନ୍ତି।

# ଏକ୍ସଆଇଏମ୍‌ରେ ବାର୍ଷିକ ମିଡିଆ କନ୍‌କ୍ଲେଭ୍ 'କମ୍ୟୁନିକ୍-୨୦୨୪'



ଭୁବନେଶ୍ୱର,୮।୧୨(ସମିସ): ଜାଭିୟର୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ (ଏକ୍ସଆଇଏମ୍) ଗଣମାଧ୍ୟମ ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରବିବାର ବାର୍ଷିକ ମିଡିଆ କନ୍‌କ୍ଲେଭ 'କମ୍ୟୁନିକ୍-୨୦୨୪' ଅନୁଷ୍ଠିତ ହୋଇଛି। 'ବ୍ରାଣ୍ଡ ଟେଲ୍‌ସ ୱେଭିଙ୍ଗ୍ ନ୍ୟାରେଟିଭ୍‌ସ ଥ୍ରୋ କଣ୍ଟେଣ୍ଟ' ଶୀର୍ଷକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ୟୁନିଲିଭର୍‌ର ସିନିୟର ଗ୍ଲୋବାଲ୍ ବ୍ରାଣ୍ଡ ମ୍ୟାନେଜର ଅମୃତା ପିକେ ପୁରକାୟାସ୍ଥା ଯୋଗଦେଇ କହିଛନ୍ତି ଯେ ବ୍ରାଣ୍ଡ ନିର୍ମାଣ କରିବାରେ କାହାଣୀ ଓ ନ୍ୟାରେଟିଭ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଭିନ୍ନ କାହାଣୀ ମାଧ୍ୟମରେ ଗ୍ରାହକଙ୍କ ଭିତରେ ଗ୍ରହଣୀୟତା ବଢ଼ାଯାଇପାରେ ବୋଲି ସେ କହିଛନ୍ତି। ସେହିପରି ଏକାକ୍ସର କନ୍‌ସଲ୍‌ଟାଣ୍ଟ ସିଇଓ କୃତି ସିଂହ ତଥ୍ୟ ଆଧାରିତ କାହାଣୀ କେନ୍ଦ୍ରିତ କ୍ୟାମ୍ପେନ୍ କରି ଉତ୍ପାଦ ସହିତ ଗ୍ରାହକଙ୍କୁ ଯୋଡ଼ିବାକୁ ବିଭିନ୍ନ କଳାକୌଶଳ ସମ୍ପର୍କରେ ଅବଗତ କରିଥିଲେ। ଦିଆସିଲି ଏବଂ ଅଗରବତି ବ୍ୟବସାୟ ଆଇଟିସି ଲିମିଟେଡ୍‌ର ମୁଖ୍ୟ ପ୍ରଜ୍ଞା ପରମିତା ସାହୁ ଓ ଟାଟା କନ୍‌ଜ୍ୟୁମର୍ ପ୍ରଡକ୍ଟସ୍ ସଂଯୁକ୍ତ ନିର୍ଦ୍ଦେଶକ ଅଭିକ୍ ସେନ୍ ସରଳ ଉପାଦାନ ସବୁ କିପରି ଏକ ବ୍ରାଣ୍ଡ ଗଠନ କରିହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମାନସପଟରେ ବସା ବାନ୍ଧିଥିବା ବହୁ ପୁରୁଣା ବିଜ୍ଞାପନକୁ ମଧ୍ୟ ଉଲ୍ଲେଖ କରିଥିଲେ। ଶେଷରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଗଣମାଧ୍ୟମ ଓ ଲୋକ ସମ୍ପର୍କ ବିଭାଗ କୋଷାଧ୍ୟକ୍ଷ ଅମ୍ରିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ସଂଯୋଜକ ଅମନ୍ ଚୌବେ ସଫଳ କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ଜଣାଇଥିଲେ।

# ଭାରତୀୟ କଳାଶ୍ରୀ ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ନନ୍ଦନକାନନ,୮।୧୨(ସମିସ): ଇଣ୍ଡିଆନ୍ ଡ୍ୟାନ୍ସ ଏକାଡେମୀ ତରଫରୁ ଜୟଦେବ ବିହାର ଜାଭିୟର୍ସ ଛକ ସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ଭାରତୀୟ କଳାଶ୍ରୀ ସମ୍ମାନ-୨୦୨୪ ତଥା ଗୁରୁସମ୍ମାନ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୬ ତାରିଖରୁ ତିନି ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଉଦ୍‌ଘାଟନୀ ଉତ୍ସବରେ ଖାଉଟି କଲ୍ୟାଣ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସମ୍ମାନିତ ଅତିଥିଭାବେ ଚାରଣ ଦେବବ୍ରତ ସିଂହ, ନାରାୟଣ ବେହେରା, ଗୁରୁ ସନାତନ ନାୟକ, ଗୁରୁ ଡ. ମନୋଜ ବେହେରା, ସମାଜସେବୀ ପ୍ରତାପ ପାଣି, ଚାରଣ ପ୍ରକାଶ ପାଣି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଡ. ମନମୋହନ ଶର୍ମାଙ୍କ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ଉପଦେଷ୍ଟା ଚାରଣ ଲିଙ୍ଗରାଜ ପତି ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗୁରୁବର୍ଗମାନଙ୍କ ମଧ୍ୟରୁ ମୁଖ୍ୟ ଅତିଥିଙ୍କ କରକମଳରେ ରାଉରକେଲାର ଗୁରୁ ପୁଷ୍ପା ମିଶ୍ର, ବାଲେଶ୍ୱରର ଗୁରୁ ପ୍ରଦୀପ ବେହେରା, ପୁରୀର ଗୁରୁ ମନୋଜ କୁମାର ପ୍ରଧାନ ଏବଂ ଭୁବନେଶ୍ୱରର ଗୁରୁ ସନ୍ଧ୍ୟା ମହାପାତ୍ରଙ୍କୁ ଭାରତୀୟ କଳାଶ୍ରୀ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ସମାପନ ପରେ ଚାରଣ ଦେବବ୍ରତ ସିଂହ ଏବଂ ଚାରଣ ନାରାୟଣ ବେହେରା ମହାପ୍ରଭୁଙ୍କ ଦିବ୍ୟ କଥାମୃତ ସମସ୍ତଙ୍କ ଆଗରେ ପରିବେଷଣ କରିଥିଲେ। ଏହାପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ଓଡ଼ିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ।

**'ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ'ର ତୃତୀୟ ଦିନ**

# ପାଠକଙ୍କୁ ଆକର୍ଷିତ କରୁଛି ନିଆରା ଷ୍ଟଲ୍

ଭୁବନେଶ୍ୱର,୮।୧୨(ସମିସ):

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା 'ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୪' ତୃତୀୟ ଦିନରେ ପହଞ୍ଚିଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଲେଖକ, ପ୍ରକାଶକ ଏବଂ ପାଠକଙ୍କ ସମାଗମ ଦେଖିବାକୁ ମିଳୁଛି। ଧୀରେ ଧୀରେ ପାଠକଙ୍କ ଭିଡ଼ ମଧ୍ୟ ବଢୁଛି। ଏହାରି ମଧ୍ୟରେ କିଛି ନିଆରା ଷ୍ଟଲ୍ ଦର୍ଶକ, ପାଠକଙ୍କୁ ଆକୃଷ୍ଟ କରୁଛି।






## ଗପ ଓ ହସ ମାଧ୍ୟମରେ ନୀତି ଶିକ୍ଷା

ପୁସ୍ତକ ମେଳାରେ ଏକ ନିଆରା ଷ୍ଟଲ୍ ଦେଖିବାକୁ ମିଳିଥିଲା ଯେଉଁଠି 'ଅ' ବନାଠାରୁ ଆରମ୍ଭ କରି ଗପ ଓ କବିତା ବହି ଦେଖିବାକୁ ମିଳିଥିଲା। ସାଧାରଣତଃ ଆମେ ମଧୁସୂଦନ ରାଓଙ୍କ ଛବିଳ ବର୍ଣ୍ଣବୋଧ ବହିରେ ଦେଖିବାକୁ ପାଇଥାଉ। ହେଲେ ଏଠି ସାହିତ୍ୟିକ ଶ୍ରୀକାନ୍ତ ପାଣିଙ୍କ ଶ୍ରୁତିସିଦ୍ଧ ପ୍ରକାଶନୀ ଷ୍ଟଲରେ ଦେଖିବାକୁ ମିଳୁଛି ଓଡ଼ିଆ ଭାଷାର ଭିନ୍ନ ସଂରଚନା। ମାତ୍ରା, ଯୋଗ ଓ ଫଳା ବିହୀନ 'ଅ' ବନା ଶବ୍ଦକୁ ଜାଣିବା ଓ ଜିଣିବାର କୌତୁକ ଢଙ୍ଗକୁ ସେ ଗପ ଓ ହସ ମାଧ୍ୟମରେ ଉପସ୍ଥାପନା କରିଛନ୍ତି। ଏବେବି ଓଡ଼ିଆ ଭାଷାର ରସକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାର ନିଶା ଲିଭିଯାଇନି କି ହଜିଯାଇନି। ସାହିତ୍ୟିକ ଶ୍ରୀକାନ୍ତ ପାଣି ତାଙ୍କର 'ଅ' ବନା ଶବ୍ଦର ଯାଦୁରେ ପିଲାଙ୍କୁ 'ଅ' ବନା ଶବ୍ଦର ଭିନ୍ନ ଏକ ସଂରଚନା କରି ନୀତିଶିକ୍ଷା ଦେବାକୁ ଚାହିଁଛନ୍ତି। 'ପଢ଼ ଓଡ଼ିଆ' ଓ 'ମଜା ମଜା ଗପରେ ଓଡ଼ିଆ ଭାଷା ଶିକ୍ଷା' ପୁସ୍ତକରେ ସେ ତାଙ୍କର ଶବ୍ଦର ଯାଦୁ ଦେଖାଇଛନ୍ତି। 'ପଢ଼ ଓଡ଼ିଆ' ପୁସ୍ତକରେ 'ଅ' ବନା ଶବ୍ଦର ନାତିକବିତା ସ୍ଥାନ ପାଇଛି। ସେହିପରି 'ମଜା ମଜା ଗପରେ ଓଡ଼ିଆ ଭାଷା ଶିକ୍ଷା' ପୁସ୍ତକରେ ଗପ ମାଧ୍ୟମରେ ଶିକ୍ଷା ପ୍ରକାଶ ପାଇଛି। ଏନେଇ ସେ କୁହନ୍ତି, ଦିନକୁ ଦିନ ଓଡ଼ିଆ ଭାଷାକୁ ଜାଣିବାର ରୁଚି ପିଲାମାନଙ୍କ ମଧ୍ୟରେ କମି କମି ଯାଉଛି। ସେଥିପାଇଁ ସେ ଏପରି ଏକ ପୁସ୍ତକ ରଚନା କରିଛନ୍ତି। ଏହି ପୁସ୍ତକ ଲେଖିବା ପାଇଁ ୬ରୁ ୭ ମାସ ସମୟ ତାଙ୍କୁ ଲାଗିଛି। ବର୍ତ୍ତମାନ ମଧ୍ୟ କେହି ଏପରି ପୁସ୍ତକ କିଣିବାକୁ ଦୋକାନକୁ ଆସୁନାହାନ୍ତି ଏବଂ ପାଠକପାଠିକାଙ୍କ ମଧ୍ୟରେ ରୁଚି ଦେଖିବାକୁ ମିଳୁନାହିଁ ବୋଲି ସେ କହିଥିଲେ।

**ସ୍କାନ୍ କରନ୍ତୁ ଓଡ଼ିଆ କାର୍ଟୁନ୍ ଦେଖନ୍ତୁ**

ମେଳାରେ ଭଳି କି ଭଳି ଷ୍ଟଲ୍ ମଧ୍ୟରେ ଅନ୍ୟତମ ଥିଲା ଜୟ ଜଗନ୍ନାଥ ଲେଖା ଥିବା ଏକ ଷ୍ଟଲ୍। ଯେଉଁଠି ଜଗନ୍ନାଥଙ୍କୁ ନେଇ ଭିନ୍ନ ଭିନ୍ନ କାହାଣୀ ପ୍ରଦର୍ଶିତ ହେଉଥିଲା। ସେ ପୁଣି କାର୍ଟୁନ୍‌ର ରୂପ ନେଇ। ସେଠାରେ ଏକ ସ୍କାନର୍ ମଧ୍ୟ ଥିଲା, ଯାହାକୁ ସ୍କାନ୍ କରିବା ଦ୍ୱାରା ଲୋକ ସେ କାର୍ଟୁନ୍ ଚ୍ୟାନେଲ୍ ମାଧ୍ୟମରେ ଭିନ୍ନ ଓ ନୂଆ ନୂଆ କାର୍ଟୁନ୍ ଏପିଶୋଡ୍ ଦେଖିପାରିବେ। ଏଥିରେ ଜଗନ୍ନାଥ ଏବଂ ବଳରାମଙ୍କ ବନ୍ଧୁତ୍ୱକୁ ନେଇ ଅନେକଗୁଡ଼ିଏ କାହାଣୀ ମଧ୍ୟ ରହିଛି। ଏହି ଚ୍ୟାନେଲ୍‌ଟି ଓଡ଼ିଆ କାର୍ଟୁନ୍ ଚ୍ୟାନେଲ୍ ଭାବେ ଆରମ୍ଭ ହୋଇଛି। କେବଳ କାହାଣୀ ନୁହେଁ; ଏଥିରେ କାହାଣୀ ସହ ଅନେକଗୁଡ଼ିଏ ଶିକ୍ଷଣୀୟ ବାର୍ତ୍ତା ମଧ୍ୟ ରହିଛି। ମେଳାକୁ ଆସୁଥିବା ଲୋକ କିଛି ନିଆରା ଦେଖି ଏଠାରେ ଘଡ଼ିଏ ଅଟକି ଯାଉଥିଲେ। ସେହିପରି ଆଉ ଏକ ଷ୍ଟଲ୍‌ରେ ଜୀବନର ସତ ଏବଂ ନିଜ କର୍ମ ସମ୍ବନ୍ଧରେ ଉଚିତ୍ ଜ୍ଞାନ ପାଇଁ ଲୋକଙ୍କୁ ମାଗଣାରେ ବାଇବେଲ୍ ମଧ୍ୟ ବଣ୍ଟାଯାଉଥିବାର ପରିଲକ୍ଷିତ ହୋଇଥିଲା। ପାଖାପାଖି ହଜାରେରୁ ଊର୍ଦ୍ଧ୍ୱ ବାଇବେଲର ଓଡ଼ିଆ ଏବଂ ଇଂରାଜୀ ଅର୍ଥ ଥିବା ବହି ଲୋକଙ୍କ ମଧ୍ୟରେ ବଣ୍ଟାଯିବା ପାଇଁ ଏହି ଗାର୍ଡିଅନ୍‌ସ ବୁକ୍ ଷ୍ଟଲ୍‌ଟି ଲୋକଙ୍କ ପାଇଁ ଖୋଲିଥିବା କହିଛନ୍ତି ଷ୍ଟଲ୍‌ରେ ଥିବା କର୍ମଚାରୀ।

# ଜୁପିଟର ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ 'ପାଥେୟମ୍'




ଭୁବନେଶ୍ୱର,୮।୧୨(ସମିସ): ଗଙ୍ଗପଡ଼ାସ୍ଥିତ ଜୁପିଟର ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ 'ପାଥେୟମ୍' ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ କୁମାର ରାଣା ଶିକ୍ଷାର ସାମଗ୍ରିକ ଅଭିବୃଦ୍ଧି ପାଇଁ ଆହ୍ୱାନ ଦେବା ସହ ଜୀବନର ଲକ୍ଷ୍ୟ ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ମୁଖ୍ୟବକ୍ତାଭାବେ ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ଜୁପିଟର ଗ୍ରୁପ୍‌ର ସଭାପତି ବିରଞ୍ଚି ନାରାୟଣ ପଣ୍ଡା ଦେଶସେବାରେ ନିଜକୁ ଉତ୍ସର୍ଗୀକୃତ କରିବା ପାଇଁ ନିରନ୍ତର ଭାବେ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି। ଅଧ୍ୟକ୍ଷା ନିରୂପମା ପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ ଉପସଭାପତି ବିଶ୍ୱରଞ୍ଜନ ପାତ୍ର, ନିର୍ଦ୍ଦେଶକ ବିଶ୍ୱନାଥ ପଣ୍ଡା, ଏକାଡେମୀ ନିର୍ଦ୍ଦେଶକ କେ. ଭରତଚନ୍ଦ୍ର କଳାପାହାଡ଼, ନିର୍ଦ୍ଦେଶିକା ସାଗରିକା ପଣ୍ଡା ଓ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ‘ରାତିରେ ସୂରୁଜ ସକାଳେ ତାରା’ ଉନ୍ମୋଚିତ



ଭୁବନେଶ୍ୱର,୮।୧୨(ସମିସ): ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ଭାରତୀୟ ବିଦ୍ୟାଭବନ ସଭାଗୃହରେ ତପନ କୁମାର ବାରିକଙ୍କ ରଚିତ ପୁସ୍ତକ ‘ରାତିରେ ସୂରୁଜ ସକାଳେ ତାରା’ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ ଗଣେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏମ୍ବର ପ୍ରାକ୍ତନ ନିର୍ଦ୍ଦେଶକ ତଥା ସୋଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତାଭାବେ ପ୍ରଭାତ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବିନୋଦ ବିହାରୀ ମହାନ୍ତି, ଗିରିଶ ଚନ୍ଦ୍ର ଦାସ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତାଭାବେ ସୁସାହିତ୍ୟିକା ଡ. ଆରତି କର ଯୋଗଦେଇ ପୁସ୍ତକ ସମୀକ୍ଷା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ପୂଜ୍ୟପୂଜା, ଓଡ଼ିଶାର ସମ୍ପାଦକ ରାମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲାବେଳେ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁ ମିଳନ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୮।୧୨(ସମିସ): ଅନ୍ଧାରୁଆ ପାଦପଦ୍ମ ପାହାଡ଼ଠାରେ ବ୍ରହ୍ମେଶ୍ୱର ପୁରାତନ କିଛି ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନାରାୟଣ ଖୁଣ୍ଟିଆଙ୍କ ପୌରୋହିତ୍ୟ ଓ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍, ସମାଜସେବୀ ସୁକାନ୍ତି ପଣ୍ଡା, ସମ୍ମାନିତ ଅତିଥିଭାବେ ସମାଜସେବୀ କବିତା ଘଡ଼େଇ, ମୁଖ୍ୟବକ୍ତା ଭାବେ ସବିତା ଜେନା ବନ୍ଧୁମିଳନ ସମ୍ପର୍କରେ ଆଲୋକପାତ କରିବା ସହ ବୃକ୍ଷରୋପଣର ଉପକାରିତା, ପରିବେଶ ସନ୍ତୁଳନ ପ୍ରମୁଖ ଉପରେ ମତବ୍ୟକ୍ତ କରିଥିଲେ। ବନ୍ଧୁଙ୍କ ବିକଳ୍ପ ନାହିଁ ଓ ନିଜ ନିଜ ସ୍ତରରେ ସମାଜ ପାଇଁ କିଛି ଭଲ କାମ କରିବାକୁ ଆଗେଇ ଆସନ୍ତୁ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ମହିମା ସେବା ଫାଉଣ୍ଡେସନର ସଭାପତି ନାରାୟଣ ଖୁଣ୍ଟିଆଙ୍କୁ ସମାଜସେବା ପାଇଁ ସମ୍ମାନିତ କରାଯାଇଥିଲା।

## ଶ୍ରୀଜଗନ୍ନାଥ ଚେତନା ପ୍ରଶିକ୍ଷଣ ଓ ପ୍ରଶ୍ନୋତ୍ତର ଶିବିର



ଭୁବନେଶ୍ୱର,୮।୧୨(ସମିସ): ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ, ପୁରୀ ପକ୍ଷରୁ ନବମ ସ୍ୱନକ୍ଷତ୍ର ଦିବସ ମା’ ଧାକୁଲେଇ ପୀଠ ପ୍ରତାପ ନଗରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋ ଜଗନ୍ନାଥ ପରି ଏକ ଶ୍ରୀଜଗନ୍ନାଥ ଚେତନା ପ୍ରଶିକ୍ଷଣ ଓ ପ୍ରଶ୍ନୋତ୍ତର ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତି ଶରତ ପାତ୍ର, ସମ୍ପାଦକ ଶୁଭେନ୍ଦୁ ବାବୁ, ଡ. ଭାସ୍କର ମିଶ୍ର, ବିଶ୍ୱନାଥ ସାମନ୍ତରାୟ ଓ ମାତୃପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ମହାପ୍ରଭୁଙ୍କ ବିଷୟରେ ପଚରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ ଭାବେ କାର୍ଯ୍ୟ କରୁଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ସମିତିର ସଂଗଠନ ସମ୍ପାଦକ ଡ. ନାରାୟଣ ମହାପାତ୍ରଙ୍କୁ “ଶ୍ରୀଜଗନ୍ନାଥ ସେବା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।

### ଇତିହାସ ପାଲଟିଗଲାଣି ହେଁସ, ମସିଣା

# ବୁଡ଼ିଗଲା ବେଉସା; ଚଳିବାକୁ ନାହିଁ ପଇସା

ଭୁବନେଶ୍ୱର,୮।୧୨(ସମିସ): ଧନୀ ହେଉ ଅବା ଗରିବ, ଚଟାଣରେ ଲମ୍ବ ହୋଇ ଗଡ଼ିପଡ଼ିବା ପାଇଁ ସମସ୍ତେ ହେଁସ, ମସିଣାର ବ୍ୟବହାର କରୁଥିଲେ। ପ୍ରତ୍ୟେକଙ୍କ ଘରେ ଅତି କମ୍‌ରେ ୩ରୁ ୪ଟି ଲେଖାଏଁ ସପ, ମସିଣା ରହୁଥିଲା। ଏହା ପରିବେଶ ଉପଯୋଗୀ ହୋଇଥିବାବେଳେ ଖରା ଦିନେ ଅତ୍ୟଧିକ ଗରମ କି ଶୀତ ଦିନେ ଅଧିକ ଥଣ୍ଡା ବି ହେଉ ନ ଥିଲା। କେବଳ ସେତିକି ନୁହେଁ, ଏସବୁ ବାହାଘର ଓ ବ୍ରତଘରମାନଙ୍କରେ ମଧ ବ୍ୟବହୃତ ହେଉଥିଲା। ଏବେ କିନ୍ତୁ ପ୍ଲାଷ୍ଟିକ୍ ସପର ଚାହିଦା ବଢ଼ି ଚାଲିଥିବାରୁ ଏହି ଦେଶୀ ଜିନିଷର ଚାହିଦା ଦିନକୁ ଦିନ ହ୍ରାସ ପାଇଚାଲିଛି। ଅନ୍ୟପକ୍ଷରେ ମସିଣା ତିଆରି ପାଇଁ ବେରୁଆଁ, ସିପାଳ ଆଦି ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିବାରୁ ଏସବୁ ସାମଗ୍ରୀ ବୁଣାଯାଇପାରୁ ନାହିଁ। ଗୋଟେପଟେ କାରିଗରମାନଙ୍କ ପ୍ରତି ସରକାରୀ ପ୍ରୋତ୍ସାହନ ଅଭାବ ସହ ଅନ୍ୟପଟରେ ଆଧୁନିକତାର ଛାପ ଯୋଗୁଁ ଏହି ବ୍ୟବସାୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି।

- ଦୁଃଖରେ କାଳ କାଟୁଛନ୍ତି କାରିଗର
- ସରକାରୀ ପ୍ରୋତ୍ସାହନ ପାଇଁ ଦାବି



ଫଳସ୍ୱରୂପ ଏହାକୁ ବେଉସା କରି ଜୀବିକା ଅର୍ଜନ କରୁଥିବା ପରିବାର ଏବେ ଆର୍ଥିକ ଅନାଟନ ଭିତରେ ବଞ୍ଚିଛନ୍ତି। ଉପକୂଳ ଓ ପଶ୍ଚିମ ଓଡ଼ିଶାରେ ହଜାର ହଜାର ସଂଖ୍ୟାରେ କାରିଗର ଏବେ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ଆବଶ୍ୟକ କଞ୍ଚାମାଲ ଅଭାବରୁ ଏବେ ଏମାନେ ହାତବାନ୍ଧି ବସିଛନ୍ତି। ଏବେ କମ୍ ଦରରେ ପ୍ଲାଷ୍ଟିକ୍ ସାମଗ୍ରୀ ମିଳିଯାଉଥିବାରୁ ଏହି ହାତବୁଣା ଦ୍ରବ୍ୟର ଚାହିଦା ନାହିଁ କହିଲେ ଚଳେ। ଦିନ ଥିଲା ଏହି କାରିଗର ପରିବାରଙ୍କ ଦାଣ୍ଡଦୁଆରେ ମସିଣା ତିଆରି ପାଇଁ ବାଣୀ ଲାଗୁଥିଲା। ଧାନବିଲରେ ଖାଲୁଆ ଜମିରେ ବର୍ଷାଦିନରେ ଲଗାଯାଇଥିବା ବେଣାକୁ ସଂଗ୍ରହ କରି ତାକୁ ଖରାରେ କାଟି ଶୁଖାଯାଉଥିଲା। ଶୁଖିଯିବା ପରେ ତାକୁ ରଙ୍ଗବେରଙ୍ଗ ସୂତାରେ ବିଭିନ୍ନ କିସମର ମସିଣା ବୁଣାଯାଉଥିଲା। ପରିବର୍ତ୍ତିତ ସମୟରେ ମଧ ଲୋକେ ଏଭଳି ଦେଶୀ ତଥା ପ୍ରକୃତି ଉପଯୋଗୀ ମସିଣାକୁ ଏବେବି ପସନ୍ଦ କରୁଛନ୍ତି। ଜଣେ କାରିଗର ଦିନଯାକ ପରିଶ୍ରମ କରି ୩ରୁ ୪ଟି ପଟି ବୁଣି ପାରୁଥିଲେ। ଗୋଟିଏ ପଟିକୁ ଅତିବେଶୀରେ ୧୦୦ରୁ ୧୫୦୦ ଟଙ୍କାରେ ବିକ୍ରି କରି ସେଥିରୁ ଯାହା ରୋଜଗାର ହେଉଥିଲା, ସେଥିରେ କୁଟୁମ୍ବଙ୍କ ମୁହଁରେ ଆହାର ଦେଉଥିଲା। ଏବେ ପ୍ରାୟ ସବୁ ବନ୍ଦ ହୋଇଯାଇଛି ବୋଲି କାରିଗର ଉମାକାନ୍ତ ପ୍ରଧାନ କହିଛନ୍ତି। ସରକାରୀସ୍ତରରେ କଞ୍ଚାମାଲ ଯୋଗାଇଦେବା ପାଇଁ ପ୍ରୋତ୍ସାହନ ଦେବା ସହିତ ସାମଗ୍ରୀ ବ୍ୟବସାୟର ବ୍ୟବସ୍ଥା କରିପାରିଲେ ଏହା ଗ୍ରାମ୍ୟ କାରିଗରଙ୍କ ଜୀବନଜୀବିକା ସହିତ ପରିବେଶ ଉପଯୋଗୀ ହୋଇପାରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

## ଉପନ୍ୟାସ ‘କାହାଣୀ ଅତୀତ ଓ ବର୍ତ୍ତମାନ’ ଲୋକାର୍ପିତ



ଭୁବନେଶ୍ୱର,୮।୧୨(ସମିସ): ପ୍ରକାଶନୀ ସଂସ୍ଥା ଏଥେନା ବୁକ୍ସ ଆନୁକୂଲ୍ୟରେ ଓଡ଼ିଶା ପ୍ରାଣୀ ପରିଷଦ ସମ୍ମିଳନୀ କକ୍ଷରେ ଗାଳ୍ପିକ ଶଶିଭୂଷଣଙ୍କ ଦ୍ୱାରା ରଚିତ “କାହାଣୀ ଅତୀତ ଓ ବର୍ତ୍ତମାନ’ ଉପନ୍ୟାସ ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଯାଇଛି। ଉପନ୍ୟାସରେ ସମାଜ ଚିତ୍ରଣ ସହ ଭାଷା ଓ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯିବାର ଆବଶ୍ୟକତା ଅଛି ବୋଲି ପ୍ରଖ୍ୟାତ ଔପନ୍ୟାସିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ପ୍ରକାଶକ ରାଜକିଶୋର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶଶିଭୂଷଣ ମହାନ୍ତିଙ୍କ ଉପନ୍ୟାସକୁ ଲୋକାର୍ପଣ କରି ପ୍ରଫେସର ଆଚାର୍ଯ୍ୟ, ଏହି ଉପନ୍ୟାସରେ ଭାରତୀୟ ସଂସ୍କୃତିର ପ୍ରତିଫଳନ ହେଲେ ଯାଇ ଆମେ ବିଦେଶରେ ବି ସମ୍ମାନିତ ହୋଇପାରିବା ବୋଲି କହିଥିଲେ। ଏହାକୁ ଲୋକାର୍ପଣ କରି ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଭାଷା ଓ ସାହିତ୍ୟ ପରସ୍ପରର ପରିପୂରକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂ, ସମାଲୋଚକ ଡ. ପ୍ରସନ୍ନ କୁମାର ନାୟକ ଓ ଜୀବନୀକାର ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଭିନ୍ନ ଚନ୍ଦ୍ର କର ଧନ୍ୟବାଦ ଦେଇଥିଲେ।

## ଏସ୍‌ସିବିରେ ଚାକିରି ଠକେଇ; ୨ ଭାଇ ଗିରଫ

କଟକ, ୮ ।୧୨(ସମିସ): ଏସ୍‌ସିବି ମେଡିକାଲରେ ନର୍ସିଂ ଅଫିସର, ଅଟେଣ୍ଡାଣ୍ଟ ଓ ଡାଟା ଏଣ୍ଟ୍ରି ପଦରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଚୂନ ଲଗାଇଥିବା ଠକ ୨ଭାଇଙ୍କୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଅରଜିତ୍ ମହାନ୍ତି(୨୫)ଏବଂ ଅରପିତ୍ ମହାନ୍ତି(୨୧)। ତାଙ୍କ ଘର ମଙ୍ଗଳାବାଗ ଅଞ୍ଚଳରେ ଥିବା ଉଚ୍ଚସାହିରେ ବୋଲି ପୁଲିସ କହିଛି। ଆଟେଣ୍ଡାଣ୍ଟ ପଦ ପାଇଁ ୩୦ହଜାର, ଡାଟା ଏଣ୍ଟ୍ରି ପଦ ପାଇଁ ୨ଲକ୍ଷ ଏବଂ ଟେକ୍ନିସିଆନ୍ ଓ ନର୍ସିଂ ଅଫିସର ନିଯୁକ୍ତି ପାଇଁ ୫ଲକ୍ଷ, ୧୦ଲକ୍ଷ ଟଙ୍କା ଠକେଇ କରିଛନ୍ତି। ମୋଟ୍ ୩୯ଜଣ ଆଶାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟିଥିଲେ। ପୁଲିସ ତଦନ୍ତ ଚଳାଇ ୨ଭାଇଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ହୀରାମଣି ଆଢ଼ା ମଙ୍ଗଳାବାଗ ଥାନାରେ ୨ଭାଇଙ୍କ ବିରୋଧରେ ଦେଇଥିବା ଏତଲା ଅନୁସାରେ, ଅରଜିତ୍ ଓ ଅରପିତ୍ ଏସ୍‌ସିବି ମେଡିକାଲରେ ସରକାରୀ ଚାକିରି ଦେବା ପାଇଁ ୧୦ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ। କିନ୍ତୁ ପରେ ଆଉ ଧରାଛୁଆଁ ଦେଇନଥିଲେ।



ରବିବାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

## ଜାଗମରାରେ ଭିଏଲ୍‌ସିସିର ନୂତନ ସେଣ୍ଟର

ଭୁବନେଶ୍ୱର,୮।୧୨ (ସମିସ): ଜାଗମରାଠାରେ ଭିଏଲସିସିର ନୂତନ କେନ୍ଦ୍ର ଉଦଘାଟନ ହୋଇଛି। ଓଲିଉଡର ସୁନାମଧନ୍ୟ ନାୟିକା ପୁନମ ମିଶ୍ର ଓ ନାୟକ ଶୁଭାଶିଷ ଶର୍ମା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଠାରେ ଚର୍ମର ଯତ୍ନ ଓ ସୁରକ୍ଷା ନିମନ୍ତେ ସବୁଠାରୁ ପ୍ରଭାବଶାଳୀ ଓ ବିଶେଷ ଜ୍ଞାନଯୁକ୍ତ ଅତ୍ୟାଧୁନିକ ଉପକରଣ ବ୍ୟବହାର କରାଯାଇ ଭିନ୍ନ ଭିନ୍ନ ଚର୍ମ ସମସ୍ୟାର ସମାଧାନ କରାଯାଉଛି।




### ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

## ‘ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ’




ଭୁବନେଶ୍ୱର,୮।୧୨(ସମିସ): ଏକ ସମୃଦ୍ଧ ରାଷ୍ଟ୍ରର ନିର୍ମାଣ ବିକାଶରେ ଯୁବଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଯେଉଁ ଦେଶର ଯୁବଶକ୍ତି ଯେତେ ଶିକ୍ଷିତ ଓ ସକ୍ରିୟ ସେହି ଦେଶ ସେତେ ଶକ୍ତିଶାଳୀ। ଭାରତରେ ଯୁବଶକ୍ତି ମଧ୍ୟରେ ଭରପୂର ଦକ୍ଷତା ଓ ପ୍ରତିଭା ରହିଛି। ଏମାନେ ହିଁ ଦେଶର ଭାଗ୍ୟ ଓ ଭବିଷ୍ୟତ। ଯୁବଶକ୍ତି ହିଁ ରାଷ୍ଟ୍ରର ଶକ୍ତି। ଯୁବଶକ୍ତି ମଧ୍ୟରେ ଆତ୍ମଶକ୍ତି ଜାଗ୍ରତ ହେବା ଜରୁରୀ ବୋଲି ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉତ୍ସବରେ ଅତିଥି ଭାବେ ୟଙ୍ଗ୍ ଇଣ୍ଡିୟାନ୍ସର ସୋନାଲ ଏନ୍ ମୋରେ, କିଟ୍ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସ୍ମୃତିରଞ୍ଜନ ଦାଶ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍‌ର ଯୁବ ଅଧିକାରୀ ଅଜିତ କୁମାର ଖୁସ୍‌ୱା ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ବକ୍ତୃତା, ଚିତ୍ରକଳା, କବିତା ଲିଖନ, ଫଟୋଗ୍ରାଫି, ବିଜ୍ଞାନ ମେଳା, ସାଂସ୍କୃତିକ ଆଦି ପଞ୍ଚପ୍ରାଣ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତାଙ୍କୁ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ନେହେରୁ ଯୁବକେନ୍ଦ୍ର ସଂଗଠନର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାଡ୍, ଜିଲ୍ଲା ସଂସ୍କୃତି ଅଧିକାରୀ ଅରବିନ୍ଦ ଦାଶ, ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ପୁରସ୍କୃତ କରିଥିଲେ।

## ‘ଆମ ସ୍ୱପ୍ନର ଓଡ଼ିଶା-୨୦୩୬’ ଆଲୋଚନାଚକ୍ର



ଭୁବନେଶ୍ୱର,୮।୧୨(ସମିସ): ‘ମମତା’ ଆନୁକୂଲ୍ୟରେ ‘ଆମ ସ୍ୱପ୍ନର ଓଡ଼ିଶା-୨୦୩୭’ ଶୀର୍ଷକ ଆଲୋଚନା ସିୱାଇଏସ୍ଡି ସେମିନାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, କର୍ମ ନିଯୁକ୍ତି, ଆଦିବାସୀ ଓ ହରିଜନମାନଙ୍କ ଉନ୍ନତି, ବାର୍ଦ୍ଧକ୍ୟରେ ଯତ୍ନ ଇତ୍ୟାଦି ବିଷୟରେ ଦିଆଯାଇଥିବା ପ୍ରସ୍ତାବ ସମୂହର ଆଲୋଚନା କରାଯାଇଥିଲା। ଆଲୋଚନାରେ ପ୍ରଫେସର ଡ. ମଧୁମିତା ଦାଶ, କସ୍ତୁରୀ ପଣ୍ଡା, ଡ. କାଜଲ ରକ୍ଷିତ, ରେଖା ଦାଶ, ସ୍ୱଦେଶ ପଟ୍ଟନାୟକ ପ୍ରମୁଖଙ୍କ ଦ୍ୱାରା ପ୍ରସ୍ତୁତ ଆଲେଖ୍ୟ ଉପରେ ଆଲୋଚନା କରିଥିଲେ ପ୍ରାକ୍ତନ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ସଚିବ ଅମୂଲ୍ୟ ନନ୍ଦ, ପ୍ରାକ୍ତନ କେନ୍ଦ୍ରୀୟ ଶ୍ରମ ସଚିବ ଲକ୍ଷ୍ମୀଧର ମିଶ୍ର। ପ୍ରଫେସର ଆଶା ହଂସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଯୁଗଳ କିଶୋରେ ମିଶ୍ରଙ୍କୁ ରାଜନୀତି ବିଜ୍ଞାନରେ ଜୀବନବ୍ୟାପି ସାଧନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ତରୁଲତା ଦ୍ୱିବେଦୀ ଅତିଥି ପରିଚୟ ଦେଇଥିବାବେଳେ ମେଜର ଡ. କଳ୍ପନା ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ‘ମମତା’ର ସମ୍ପାଦକ ଡ. ଦିଲ୍ଲୀପ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ୮ ମାସ ହେଲାଣି ମିଳିନି ଦରମା

### ୧୦ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ ବ୍ୟାପକ ଚେତାବନୀ



ଭୁବନେଶ୍ୱର,୮।୧୨(ସମିସ): ଜୀବିକା ମିଶନ ଓ ମିଶନ ଶକ୍ତି ସହ ଜଡ଼ିତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ଗତ ଏପ୍ରିଲ ମାସରୁ ମିଳୁନି ଦରମା। ଗ୍ରାମାଞ୍ଚଳରେ ମହିଳାଙ୍କ ଉତ୍ଥାନ, ଆତ୍ମନିର୍ଭରତା କ୍ଷେତ୍ରରେ ବଳିଷ୍ଠ ଯୋଗଦାନ ରଖୁଥିବା ଏମ୍‌ବିକେ, ସିଆର୍‌ପି, ଇସି ମେମ୍ବର, ପ୍ରାଣୀମିତ୍ର, କୃଷିମିତ୍ର ଓ ବ୍ୟାଙ୍କମିତ୍ର ପରି ତୃଣମୂଳ ସ୍ତରର କର୍ମଚାରୀମାନେ ୮ ମାସ ହେଲା ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରିବା ଦାବିରେ ଶନିବାରଠୁ ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିବାବେଳେ ରବିବାର ଏକ ସାମ୍ବାଦିକ ସମ୍ମିଳନୀ କରି ୧୦ ଦଫା ଦାବି ଦୋହରାଇଛନ୍ତି। ସ୍ଥାୟୀ ନିଯୁକ୍ତି, ଶତ ପ୍ରତିଶତ ପାରିଶ୍ରମିକ, ବକେୟା ପାରିଶ୍ରମିକ ଆକାଉଣ୍ଟରେ ପୈଠ କରିବା, ଗସ୍ତ ଓ ମୋବାଇଲ୍ ଖର୍ଚ୍ଚ, ପରିଚୟ ପତ୍ର ପ୍ରଦାନ, ପଦୋନ୍ନତି, ମୃତ୍ୟୁକାଳିନ ୫ଲକ୍ଷ ଟଙ୍କା ସହାୟତା, ଇପିଏଫ୍‌ଓ ଏବଂ ଇଏସ୍‌ଆଇ ପ୍ରଦାନ ପରି ୧୦ଟି ଦାବି ପୂରଣ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଅନୁରୋଧ କରିଛନ୍ତି। ସରକାର ଦାବି ପୂରଣ କରିବାକୁ ତ୍ୱରିତ ପଦକ୍ଷେପ ନ ନେଲେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଅଲ୍ ଓଡ଼ିଶା ଜିପିଏଲ୍‌ଏଫ୍ କର୍ମୀ ସଂଘର ସଭାପତି ନିରୂପମା ନାୟକ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଯୁଗ୍ମ ସମ୍ପାଦିକା ସବିତା ମାନସିଂ, କୋଷାଧ୍ୟକ୍ଷ ତନୁଜା ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଆଶ୍ରୟ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ



ଭୁବନେଶ୍ୱର,୮।୧୨(ସମିସ): ଦିବ୍ୟାଙ୍ଗମାନଙ୍କୁ ସାଧାରଣ ଲୋକଙ୍କ ଭଳି ସମ୍ମାନ ମିଳିବା ଉଚିତ୍। ସେମାନେ ମଧ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରୁଥିବାର ଅନେକ ଉଦାହରଣ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଶ୍ରୟ’ ତରଫରୁ ଭୀମଟାଙ୍ଗୀଠାରେ ଭିନ୍ନକ୍ଷମ ଦିବସ ଅବସରରେ ଆୟୋଜିତ ସଭାରେ କର୍ପୋରେଟର ଶିବନାରାୟଣ ରାୟ, ନଳିନୀ ମହାନ୍ତି, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ରୋଟାରିଆନ ସୁଧାଂଶୁ ଶେଖର ହରିଚନ୍ଦନ, ଆଇନଜୀବୀ ବିଜୟ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପ୍ରତି ସମ୍ବେଦନଶୀଳ, ସହାନୁଭୂତି ଓ ମମତା ଡୋରିରେ ବାନ୍ଧି ରଖିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଦିବ୍ୟାଙ୍ଗମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବେ ଓ ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାଗୁଡ଼ିକ ପ୍ରକାଶ କରାଇପାରିବେ ସେ ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଆଶ୍ରୟର ପ୍ରକଳ୍ପ ଅଧିକାରୀ ନମିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜରେ ପ୍ରତିଷ୍ଠା ଲାଭ କରିଥିବା ଦିବ୍ୟାଙ୍ଗମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଦିବ୍ୟାଙ୍ଗ ନୃତ୍ୟଗୁରୁ ହରିହର ଦେଓ ଏବଂ ସମାଜସେବୀ ଅଜୁ ସାହୁ ସହଯୋଗ କରିଥିବାବେଳେ ସଭାରେ ବିଭିନ୍ନ ସ୍ଥାନରୁ ୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗଣେଶ କୁମାର ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରେମାଞ୍ଜଳି ସାମନ୍ତରାୟ, ଦେବସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଶ୍ରୟର ସମ୍ପାଦକ ଜିତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

